ପ୍ରଥମ ଅଧ୍ୟାୟ

ଅର୍ଜୁନବିଷାଦଯୋଗ

(କୁରୁକ୍ଷେତ୍ର ଯୁଦ୍ଧଭୂମିରେ ସୈନ୍ୟଦର୍ଶନ)

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମ୍ ଅକୁର୍ବତ ସଞ୍ଜୟ ॥୧॥

ଶବ୍ଦାନୁବାଦ

ଧୃତରାଷ୍ଟ୍ରଃ=ରାଜା ଧୃତରାଷ୍ଟ୍ର; ଉବାଚ=କହିଲେ; ଧର୍ମକ୍ଷେତ୍ରେ=ଧର୍ମକ୍ଷେତ୍ରରେ, ତୀର୍ଥ ସ୍ଥାନରେ; କୁରୁକ୍ଷେତ୍ରେ=କୁରୁକ୍ଷେତ୍ର ନାମକ ସ୍ଥାନରେ; ସମବେତାଃ=ସମବେତ ହୋଇଥିବା; ଯୁଯୁତ୍ସବଃ=ଯୁଦ୍ଧ କରିବାକୁ ଇଚ୍ଛା କରୁଥିବା; ମାମକାଃ=ମୋ ଦଳ (ପୁତ୍ରମାନେ); ପାଣ୍ଡବାଃ=ପାଣ୍ଡୁପୁତ୍ରଗଣ; ଚ=ଏବଂ; ଏବ=ନିଶ୍ଚିତଭାବେ; କିମ୍=କ'ଣ; ଅକୁର୍ବତ=ସେମାନେ କଲେ; ସଞ୍ଜୟ=ହେ ସଞ୍ଜୟ ।

ଅନୁବାଦ

ଧୃତରାଷ୍ଟ୍ର କହିଲେ, "ହେ ସଞ୍ଜୟ ! ମୋ ପୁତ୍ରଗଣ ଏବଂ ପାଣ୍ଡୁପୁତ୍ରଗଣ ଯୁଦ୍ଧ

କରିବାକୁ ଇଚ୍ଛା କରି ତୀର୍ଥକ୍ଷେତ୍ର—ଧର୍ମକ୍ଷେତ୍ର କୁରୁକ୍ଷେତ୍ର ନାମକ ସ୍ଥାନରେ ଏକତ୍ର ହୋଇ କ'ଣ କଲେ ?

ଭାବାର୍ଥ

ଭଗବଦ୍‌ଗୀତା ଭଗବଦ୍-ବିଜ୍ଞାନ ଅଟେ । ପୃଥିବୀର ଚାରିଆଡ଼େ ସମସ୍ତେ ଏହା ପାଠ କରନ୍ତି । ଗୀତା ମାହାତ୍ମ୍ୟରେ ଗୀତାପାଠର ମହିମା କଥା କୁହାଯାଇଅଛି । ସେଥିରେ କୁହାଯାଇଛି ଯେ, ବ୍ୟକ୍ତି, ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ଭକ୍ତଙ୍କର ସହାୟତାରେ ବଡ଼ ଯତ୍ନର ସହିତ ଭଗବଦ୍‌ଗୀତା ପାଠ କରିବା ଉଚିତ୍ ଏବଂ ସେଥିରେ କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ବା ମତାମତ ନ ଯୋଡ଼ି ତାହାକୁ ବୁଝିବାକୁ ଚେଷ୍ଟା କରିବା ଉଚିତ୍ । କିପରି ଭଗବଦ୍‌ଗୀତାକୁ ଭଲଭାବରେ ବୁଝିବାକୁ ହେବ, ତାହାର ଉଦାହରଣ ଭଗବଦ୍‌ଗୀତାରେ ହିଁ ଅଛି । ଅର୍ଜୁନ ପ୍ରତ୍ୟକ୍ଷ ଭାବରେ ଭଗବାନ୍‌ଙ୍କଠାରୁ ଗୀତାବାଣୀ ଶ୍ରବଣ କରିଛନ୍ତି ଏବଂ ସେ ଯେପରି ଏହାକୁ ବୁଝିଲେ, ସମସ୍ତେ ସେହିପରି ଭାବରେ ବୁଝିବା ଉଚିତ୍ । ଯଦି କେହି ଭାଗ୍ୟବାନ୍ ଲୋକ କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ଗ୍ରହଣ ନ କରି ଅର୍ଜୁନଙ୍କ ଭଳି ଗୁରୁପରମ୍ପରାରେ ଆସୁଥିବା ଗୁରୁଙ୍କଠାରୁ ଭଗବଦ୍‌ଗୀତା ବୁଝେ, ତାହାହେଲେ ସେ ସମସ୍ତ ବୈଦିକଜ୍ଞାନ ଏବଂ ପୃଥିବୀର ସମସ୍ତ ଶାସ୍ତ୍ରଜ୍ଞାନକୁ ଟପିଯିବ । ଅନ୍ୟ ଗ୍ରନ୍ଥମାନଙ୍କରେ ଯାହାସବୁ ଅଛି, ସବୁ ଭଗବଦ୍‌ଗୀତାରେ ଅଛି; କିନ୍ତୁ ପାଠକ ଆହୁରି ଏପରି ଅନେକ କଥା ଭଗବଦ୍‌ଗୀତାରେ ପାଇବ, ଯାହା ଅନ୍ୟ କୌଣସି ଗ୍ରନ୍ଥରେ ମିଳିବ ନାହିଁ । ତାହା ହେଉଛି ସ୍ୱତନ୍ତ୍ର ମାନଦଣ୍ଡ । ଏହା ହେଉଛି ପୂର୍ଣ୍ଣ ଭଗବଦ୍-ବିଜ୍ଞାନ, କାରଣ ଏହା ପ୍ରତ୍ୟକ୍ଷଭାବେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଦ୍ୱାରା କୁହାଯାଇଅଛି ।

ଧୃତରାଷ୍ଟ୍ର ଏବଂ ସଞ୍ଜୟଙ୍କ ମଧ୍ୟରେ ମହାଭାରତରେ ବର୍ଣ୍ଣିତ ହୋଇଥିବା ଏ ଯେଉଁ ବିଷୟ ଆଲୋଚନା କରାଗଲା, ତାହା ଏହି ମହାନ୍ ଦର୍ଶନଗ୍ରନ୍ଥର ମୌଳିକ ନୀତି-ରୂପେ ପ୍ରତିଷ୍ଠିତ ହୋଇଛି । ଜଣାଯାଇଛି ଯେ, ଏହି ଦର୍ଶନ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ହିଁ ପ୍ରକାଶ କରାଯାଇଅଛି । କୁରୁକ୍ଷେତ୍ର କେଉଁ ଅବିସ୍ମରଣୀୟ ବୈଦିକ ଯୁଗରୁ ଏକ ପବିତ୍ର ତୀର୍ଥସ୍ଥାନ ରୂପେ ଖ୍ୟାତିଲାଭ କରିଆସୁଅଛି । ଯେତେବେଳେ ଭଗବାନ୍ ସ୍ୱୟଂ ଧରାଧାମରେ ଲୋକଶିକ୍ଷା ନିମିତ୍ତ ଉପସ୍ଥିତ ଥିଲେ, ସେତିକିବେଳେ ଏ ଦର୍ଶନ ଭଗବାନ୍‌ଙ୍କ ଦ୍ୱାରା ହିଁ କୁହାଯାଇଅଛି ।

ଏଠାରେ ବ୍ୟବହୃତ 'ଧର୍ମକ୍ଷେତ୍ର' (ଯେଉଁଠାରେ ବ୍ରତବିଧି ଓ ଧର୍ମନୀତି ଅନୁଷ୍ଠିତ ହୁଏ) ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ, କାରଣ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରମ-ପୁରୁଷ ଭଗବାନ୍ ଅର୍ଜୁନଙ୍କ ପକ୍ଷରେ ଥିଲେ । କୌରବମାନଙ୍କର ପିତା ଧୃତରାଷ୍ଟ୍ର ଯୁଦ୍ଧରେ ତାଙ୍କର ପୁତ୍ରମାନଙ୍କର ବିଜୟ ସମ୍ବନ୍ଧରେ ବଡ଼ ସନ୍ଦିହାନ ଥିଲେ । ଏହି ସନ୍ଦେହରେ ପଡ଼ି ସେ ତାଙ୍କର ସଚିବ ସଞ୍ଜୟଙ୍କୁ ପ୍ରଶ୍ନ କଲେ, "ମୋର ପୁତ୍ର ଓ ପାଣ୍ଡୁଙ୍କ ପୁତ୍ରଗଣ କ'ଣ କଲେ ?" ସେ ଏକଥା ଭଲଭାବରେ ଜାଣିଥିଲେ ଯେ, ତାଙ୍କର ପୁତ୍ର ଏବଂ ତାଙ୍କ ସାନ-ଭାଇ ପାଣ୍ଡୁଙ୍କ ପୁତ୍ରଗଣ ଯୁଦ୍ଧ କରିବା ନିମିତ୍ତ ଦୃଢ଼ନିଶ୍ଚିତ ହୋଇ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଏକତ୍ର ହୋଇଛନ୍ତି; ତଥାପି ତାଙ୍କର ପ୍ରଶ୍ନ ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟେ । ଭାଇ ଭାଇ ମଧ୍ୟରେ ହେଉଥିବା ଯୁଦ୍ଧରେ ଗୋଟିଏ ଆପୋଷ ମିଳାମିଶା ହୋଇଯାଉ, ଏହା ସେ ଚାହୁଁ ନ

ଥିଲେ; କିନ୍ତୁ ଏ ଯୁଦ୍ଧରେ ତାଙ୍କ ପୁତ୍ରମାନଙ୍କର ଭାଗ୍ୟ କ'ଣ ହେବ, ତାହା ହିଁ ସେ ଜାଣିବାକୁ ଚାହୁଁଥିଲେ । ଯେହେତୁ 'କୁରୁକ୍ଷେତ୍ର'ରେ ଯୁଦ୍ଧ ହେବାକୁ ଯାଉଛି, ତେଣୁ ଧୃତରାଷ୍ଟ୍ର ବଡ଼ ଶଙ୍କାକୁଳ ହୋଇପଡ଼ିଥିଲେ ଯେ, ଯୁଦ୍ଧ ଉପରେ ଧର୍ମକ୍ଷେତ୍ର ବା ତୀର୍ଥସ୍ଥାନର ଖୁବ୍ ପ୍ରଭାବ ଅଛି । ଏ 'କୁରୁକ୍ଷେତ୍ର' ସମ୍ବନ୍ଧରେ ବେଦରେ ବର୍ଣ୍ଣନା କରାଯାଇଛି ଯେ, ଏ ତୀର୍ଥସ୍ଥଳଟି ଦେବଲୋକର ଅଧିବାସୀ ଦେବତାମାନଙ୍କର ମଧ୍ୟ ପୂଜ୍ୟ ସ୍ଥଳ ଅଟେ । ସେ ଭଲଭାବରେ ଜାଣିଥିଲେ ଯେ, ଅର୍ଜୁନ ଆଦି ପାଣ୍ଡବମାନଙ୍କ ପକ୍ଷରେ କୁରୁକ୍ଷେତ୍ରରୂପ ଧର୍ମ କ୍ଷେତ୍ରରେ ଅନୁଷ୍ଠିତ ଯୁଦ୍ଧଟି ଅନୁକୂଳ ହେବ, କାରଣ ସେମାନେ (ପାଣ୍ଡବମାନେ) ସ୍ୱଭାବତଃ ଧାର୍ମିକ । ସଞ୍ଜୟ ବ୍ୟାସଦେବଙ୍କର ଶିଷ୍ୟ ଥିଲେ; ତେଣୁ ବ୍ୟାସଙ୍କ କୃପାରୁ ସେ ଧୃତରାଷ୍ଟ୍ରଙ୍କ କୋଠରୀ ମଧ୍ୟରେ ବସିକରି ସୁଦ୍ଧା କୁରୁକ୍ଷେତ୍ର ଯୁଦ୍ଧଭୂମିରେ କ'ଣ ହେଉଛି, ସବୁ ଦେଖିପାରୁଥିଲେ; ତେଣୁ ଧୃତରାଷ୍ଟ୍ର ଯୁଦ୍ଧ ଘଟଣା ତାଙ୍କୁ ପଚାରିଲେ ।

ପାଣ୍ଡବମାନେ ଓ ଧୃତରାଷ୍ଟ୍ରଙ୍କ ପୁତ୍ରଗଣ ଏକ ପରିବାରର ଅଟନ୍ତି; କିନ୍ତୁ ଧୃତରାଷ୍ଟ୍ରଙ୍କ ମନ ଏଠାରେ ଖୋଲି ହୋଇଯାଇଛି । ସେ ଜାଣିଶୁଣି ତାଙ୍କର ପୁତ୍ରମାନଙ୍କୁ କୌରବ ବୋଲି କହୁଛନ୍ତି ଏବଂ ପାଣ୍ଡୁଙ୍କ ପୁତ୍ରମାନଙ୍କ ବଂଶରୁ ଅଲଗା କରିଦେଇଛନ୍ତି; ତେଣୁ ଧୃତରାଷ୍ଟ୍ରଙ୍କର ପାଣ୍ଡୁଙ୍କ ପୁତ୍ରମାନଙ୍କ (ତାଙ୍କର ଭ୍ରାତୁଷ୍ପୁତ୍ର) ସହ କି ପ୍ରକାର ସମ୍ପର୍କ ଥିଲା, ବ୍ୟକ୍ତି ଭଲରକମ ବୁଝିପାରିବ ଏବଂ ସେଥିରୁ ଧୃତରାଷ୍ଟ୍ରଙ୍କର ସ୍ଥାନ କେଉଁଠି ଜାଣିପାରିବ । ଯେପରି ଧାନକ୍ଷେତରେ ଅନେକ ବାଳୁଙ୍ଗା ଥାଏ ଏବଂ କୃଷକ ସେଗୁଡ଼ିକୁ ଉପାଡ଼ି ଫୋପାଡ଼ି ଦିଏ, ଠିକ୍ ସେହିପରି ଏ ଘଟଣାର ପ୍ରାରମ୍ଭରୁ ଧର୍ମର ପିତା ଭଗବାନ୍ ଶ୍ରୀକୃଷ୍ଣ ଉପସ୍ଥିତ ଥିବା ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଦୁର୍ଯ୍ୟୋଧନ ଆଦି ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ଏବଂ ଅନ୍ୟମାନେ ଅନେକ ଅଦରକାରୀ କୁଳବାଳୁଙ୍ଗା ଯେଉଁମାନେ ଥିଲେ, ସେମାନଙ୍କୁ ଭଗବାନ୍ ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣରୂପେ ଉପାଡ଼ି ଫୋପାଡ଼ି ଦେବେ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କର ନେତୃତ୍ୱରେ ପରିଚାଳିତ ପୂର୍ଣ୍ଣଧାର୍ମିକ ବ୍ୟକ୍ତିମାନଙ୍କୁ ପ୍ରତିଷ୍ଠା କରିବେ । 'ଧର୍ମକ୍ଷେତ୍ରେ' ଓ 'କୁରୁକ୍ଷେତ୍ରେ' ଶବ୍ଦର ଯାହା କିଛି ଐତିହାସିକ ଓ ବୈଦିକ ଗୁରୁତ୍ୱ ଥାଉ ନା କାହିଁକି, ଏହା ହେଉଛି ପ୍ରକୃତ ତାତ୍ପର୍ଯ୍ୟ ।

ସଞ୍ଜୟ ଉବାଚ

ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମ୍ ଉପସଂଗମ୍ୟ ରାଜା ବଚନମ୍ ଅବ୍ରବୀତ୍ ॥୨॥

ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଦୃଷ୍ଟ୍ୱା=ଦେଖିଲା ପରେ; ତୁ=କିନ୍ତୁ; ପାଣ୍ଡବଅନୀକଂ=ପାଣ୍ଡବମାନଙ୍କର ସୈନ୍ୟ; ବ୍ୟୂଢ଼ଂ=ବ୍ୟୂହ (ସୈନ୍ୟବିନ୍ୟାସ); ଦୁର୍ଯ୍ୟୋଧନଃ=ରାଜା ଦୁର୍ଯ୍ୟୋଧନ; ତଦା=ସେସମୟରେ; ଆଚାର୍ଯ୍ୟମ୍=ଶିକ୍ଷକ; ଉପସଂଗମ୍ୟ=ତାଙ୍କ ନିକଟକୁ ଯାଇ; ରାଜା=ରାଜା; ବଚନମ୍=ବଚନ; ଅବ୍ରବୀତ୍=କହିଲେ ।

ଅନୁବାଦ

ସଞ୍ଜୟ କହିଲେ, ହେ ରାଜା ! ପାଣ୍ଡବମାନଙ୍କର (ପାଣ୍ଡୁଙ୍କର ପୁତ୍ରମାନଙ୍କର) ସୈନ୍ୟମାନଙ୍କୁ ଦେଖିଲା ପରେ ରାଜା ଦୁର୍ଯ୍ୟୋଧନ ଗୁରୁଙ୍କ ନିକଟକୁ ଗଲେ ଏବଂ ନିମ୍ନ-ମତେ କହିବାକୁ ଲାଗିଲେ :

ଭାବାର୍ଥ

ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିଲେ । ଦୁର୍ଭାଗ୍ୟବଶତଃ ସେ ମଧ୍ୟ ଦିବ୍ୟଦୃଷ୍ଟିରୁ ବଞ୍ଚିତ ହୋଇଥିଲେ । ସେ ଏକଥା ଭଲରକମ ଜାଣିଥିଲେ ଯେ, ତାଙ୍କ ପୁତ୍ରଗଣ ମଧ୍ୟ ତାଙ୍କପରି ଧର୍ମନୀତି ସମ୍ବନ୍ଧରେ ଅନ୍ଧ ଅଟନ୍ତି ଏବଂ ସେ ଏକଥା ମଧ୍ୟ ଭଲରକମ ଜାଣିଥିଲେ ଯେ, ସେମାନେ କେବେହେଲେ ଆଜନ୍ମ ଧାର୍ମିକ ପାଣ୍ଡବମାନଙ୍କ ସହିତ ସନ୍ଧି କରିପାରିବେ ନାହିଁ; ତଥାପି ସେ ତୀର୍ଥସ୍ଥାନର ପ୍ରଭାବ ସମ୍ବନ୍ଧରେ ସନ୍ଦିହାନ ଥିଲେ । ସେ ଯେତେବେଳେ ସଞ୍ଜୟଙ୍କୁ ଯୁଦ୍ଧକ୍ଷେତ୍ର କଥା ପଚାରିଲେ, ସେତେବେଳେ ସଞ୍ଜୟ ତାଙ୍କ ମନକଥା ଜାଣି ପାରିଲେ; ତେଣୁ ସେ ହତାଶ ହୋଇପଡ଼ିଥିବା ରାଜାଙ୍କୁ ଟିକିଏ ପ୍ରେରଣା ଦେବାକୁ ଇଚ୍ଛା କଲେ ଏବଂ ସେଥିପାଇଁ ସେ ତାଙ୍କୁ ଚେତାବନୀ ଶୁଣାଇ କହିଲେ ଯେ, ତାଙ୍କର ପୁତ୍ର-ଗଣ ତୀର୍ଥସ୍ଥାନର ପ୍ରଭାବରେ ପ୍ରଭାବିତ ହୋଇ କେବେହେଲେ ସନ୍ଧି କରୁନାହାନ୍ତି । ତେଣୁ ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଲେ ଯେ, ତାଙ୍କ ପୁତ୍ର ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ସୈନ୍ୟ ଦେଖିଲାପରେ ସଙ୍ଗେ ସଙ୍ଗେ ସେନାପତି ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ପ୍ରକୃତ ଅବସ୍ଥାଟା ବୁଝାଇ କହିଲେ । ଯଦିଓ ଦୁର୍ଯ୍ୟୋଧନଙ୍କୁ ଏଠାରେ ରାଜା ବୋଲି କୁହାଯାଇଛି, ତଥାପି ଅବସ୍ଥାର ଗୁରୁତ୍ୱ ଯୋଗୁଁ ସେ ସେନାପତିଙ୍କ ନିକଟକୁ ଯାଇଥିଲେ । ତେଣୁ ସେ ଏକ ରାଜନୀତିଜ୍ଞ ହେବାକୁ ସମ୍ପୂର୍ଣ୍ଣ ଯୋଗ୍ୟ ଥିଲେ; କିନ୍ତୁ ଦୁର୍ଯ୍ୟୋଧନଙ୍କର ଏ କୂଟନୈତିକ ଢାଙ୍କୁଣୀ (ଅର୍ଥାତ୍ ସେ ଜଣେ ଅତି ଦକ୍ଷ କୂଟନୀତିଜ୍ଞ ବା ରାଜନୀତିଜ୍ଞ ବୋଲି ଯାହା ବାହାରକୁ ଜଣାପଡ଼ୁଥିଲା) ତାଙ୍କର ଆଶଙ୍କାକୁ ଛପାଇପାରିଲା ନାହିଁ । ସେ ଯେତେ-ବେଳେ ପାଣ୍ଡବମାନଙ୍କର ସୈନ୍ୟସଜ୍ଜା ଦେଖିଲେ ସେତେବେଳେ ସେ ଯେ ଭୀତତ୍ରସ୍ତ ହୋଇପଡ଼ିଥିଲେ, ଏହା ପରିଷ୍କାରଭାବେ ଜଣାପଡ଼ୁଥିଲା ।

ପଶ୍ୟୈ ତାଂ ପାଣ୍ଡୁ-ପୁତ୍ରାଣାମ୍ ଆଚାର୍ଯ୍ୟ ମହତୀଂ ଚମୂମ୍ ।
ବ୍ୟୂଢ଼ାଂ ଦ୍ରୁପଦ ପୁତ୍ରେଣ ତବ ଶିଷ୍ୟେଣ ଧୀମତା ॥୩॥

ଶବ୍ଦାନୁବାଦ

ପଶ୍ୟ=ଦେଖନ୍ତୁ; ଏତାଂ=ଏମାନଙ୍କୁ; ପାଣ୍ଡୁ ପୁତ୍ରାଣାମ୍=ପାଣ୍ଡୁଙ୍କର ପୁତ୍ର-ମାନଙ୍କର; ଆଚାର୍ଯ୍ୟ=ହେ ଆଚାର୍ଯ୍ୟ; ମହତୀଂ=ମହାନ୍; ଚମମ୍=ସୈନ୍ୟବାହିନୀ; ବ୍ୟୂଢ଼ାଂ= ସଜ୍ଜିତ; ଦ୍ରୁପଦ ପୁତ୍ରେଣ=ଦ୍ରୁପଦ ପୁତ୍ରଙ୍କ ଦ୍ୱାରା; ତବ=ଆପଣଙ୍କର; ଶିଷ୍ୟେଣ= ଶିଷ୍ୟଙ୍କଦ୍ୱାରା; ଧୀମତା=ଅତ୍ୟନ୍ତ ବୁଦ୍ଧିମାନ୍ ।

ଅନୁବାଦ

ହେ ଆଚାର୍ଯ୍ୟ ! ପାଣ୍ଡୁପୁତ୍ରମାନଙ୍କର ଏ ବିରାଟ ସୈନ୍ୟବାହିନୀକୁ ଦେଖନ୍ତୁ ।

ଏହା ଆପଣଙ୍କର ଅତି ବୁଦ୍ଧିମାନ୍ ଶିଷ୍ୟ ଦ୍ରୁପଦ ପୁତ୍ରଙ୍କଦ୍ୱାରା ବ୍ୟୂହାକାରରେ ସଜ୍ଜିତ ହୋଇଅଛି ।

ଭାବାର୍ଥ

ଦୁର୍ଯ୍ୟୋଧନ ଜଣେ ବିଶିଷ୍ଟ କୂଟନୀତିଜ୍ଞ ଥିଲେ । ସେ ଏଠାରେ ବିଶିଷ୍ଟ ବ୍ରାହ୍ମଣସେନାପତି ଦ୍ରୋଣାଚାର୍ଯ୍ୟଙ୍କର ଭୁଲ୍ ଦେଖାଇବାକୁ ଇଚ୍ଛା କରିଛନ୍ତି । ଦ୍ରୋଣାଚାର୍ଯ୍ୟଙ୍କର ଦ୍ରୁପଦରାଜାଙ୍କ ସହିତ କୌଣସି ରାଜନୈତିକ କଳହ ଥିଲା । ଦ୍ରୁପଦ ହେଉଛନ୍ତି, ଅର୍ଜୁନଙ୍କ ସ୍ତ୍ରୀ ଦ୍ରୌପଦୀଙ୍କର ପିତା । ଏ କଳହ ଯୋଗୁଁ ଦ୍ରୁପଦ ଏକ ବିରାଟ ଯଜ୍ଞାନୁଷ୍ଠାନ କଲେ । ସେ ଯଜ୍ଞରୁ ତାଙ୍କୁ ଏହି ବର ମିଳିଲା ଯେ, ସେ ଏପରି ଏକ ପୁତ୍ରଲାଭ କରିବେ, ଯେ କି ଦ୍ରୋଣାଚାର୍ଯ୍ୟଙ୍କୁ ବଧ କରିବାକୁ ସକ୍ଷମ ହେବ । ଏକଥା ଦ୍ରୋଣାଚାର୍ଯ୍ୟ ଭଲଭାବରେ ଜାଣିଥିଲେ, ତଥାପି ସେ ଜଣେ ଉଦାରହୃଦୟ ବିଶିଷ୍ଟ ବ୍ରାହ୍ମଣ ଥିଲେ । ସେଥିପାଇଁ ଯେତେବେଳେ ଦ୍ରୁପଦଙ୍କ ପୁତ୍ର ଧୃଷ୍ଟଦ୍ୟୁମ୍ନ ଅସ୍ତ୍ରବିଦ୍ୟା ଶିକ୍ଷା କରିବା ନିମିତ୍ତ ତାଙ୍କର ଶିଷ୍ୟ ହେବାକୁ ଗଲେ, ସେତେବେଳେ ସେ (ଦ୍ରୋଣ) ତାଙ୍କୁ (ଧୃଷ୍ଟଦ୍ୟୁମ୍ନଙ୍କୁ) ସମସ୍ତ ଗୁପ୍ତ ଯୁଦ୍ଧକୌଶଳ ବିନା ଦ୍ୱିଧାରେ ଶିକ୍ଷା ଦେଇଥିଲେ । ବର୍ତ୍ତମାନ କୁରୁକ୍ଷେତ୍ର ଯୁଦ୍ଧରେ ଧୃଷ୍ଟଦ୍ୟୁମ୍ନ ପାଣ୍ଡବମାନଙ୍କ ପକ୍ଷ ଗ୍ରହଣ କଲେ ଏବଂ ସେ ଦ୍ରୋଣାଚାର୍ଯ୍ୟଙ୍କଠାରୁ ଯୁଦ୍ଧକୌଶଳ ଶିକ୍ଷା କରିବା ପରେ ବର୍ତ୍ତମାନ ପାଣ୍ଡବମାନଙ୍କର ସୈନ୍ୟମାନଙ୍କୁ ବ୍ୟୂହାକାରରେ ସଜାଇଛନ୍ତି । ଦୁର୍ଯ୍ୟୋଧନ ଏଠାରେ ଦ୍ରୋଣାଚାର୍ଯ୍ୟଙ୍କର ଏହି ଭୁଲ୍‌କୁ ଜଣାଉଛନ୍ତି, କାରଣ ସେ ତାଙ୍କର ଗତ ଭୁଲ୍‌କୁ ମନେପକାଇ ସାବଧାନ ହେବେ ଏବଂ ଯୁଦ୍ଧରେ ଶିଥିଳତା ପ୍ରଦର୍ଶନ କରିବେ ନାହିଁ । ଏତଦ୍ୱାରା ସେ ଦର୍ଶାଇବାକୁ ଚାହାନ୍ତି ଯେ, ଦ୍ରୋଣାଚାର୍ଯ୍ୟ ତାଙ୍କର ପ୍ରିୟ ଶିଷ୍ୟ ପାଣ୍ଡବମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲାବେଳେ ଯେପରି କୋହଳ ନୀତି ଅନୁସରଣ ନ କରନ୍ତି । ବିଶେଷ କରି ଅର୍ଜୁନ ତାଙ୍କର ଜଣେ ଅତି ବିଶିଷ୍ଟ ମେଧାବୀ ଛାତ୍ର ତଥା ପ୍ରିୟ ଛାତ୍ର ଥିଲେ । ଦୁର୍ଯ୍ୟୋଧନ ମଧ୍ୟ ତାଙ୍କୁ ସାବଧାନ କରାଇଦେଇ ଜଣାଇ ଦେଲେ ଯେ, ସେ ଯଦି ଏ ଯୁଦ୍ଧରେ କୋହଳ ନୀତି ଅନୁସରଣ କରନ୍ତି, ତାହାହେଲେ ପରାଜିତ ହେବାକୁ ପଡ଼ିବ ।

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ।।୪।।

ଶବ୍ଦାନୁବାଦ

ଅତ୍ର=ଏଠାରେ; ଶୂରାଃ=ବୀରମାନେ; ମହେଷ୍ୱାସାଃ=ବଳଶାଳୀ ଧନୁର୍ଦ୍ଧାରୀଗଣ; ଭୀମ-ଅର୍ଜୁନ=ଭୀମ ଏବଂ ଅର୍ଜୁନ; ସମାଃ=ସମାନ; ଯୁଧି=ଯୁଦ୍ଧରେ; ଯୁଯୁଧାନଃ=ଯଯୁଧାନ, ବିରାଟଃ=ବିରାଟ; ଚ=ମଧ୍ୟ; ଦ୍ରୁପଦଃ=ଦ୍ରୁପଦ; ଚ=ମଧ୍ୟ; ମହାରଥଃ=ବିଶିଷ୍ଟ ଯୋଦ୍ଧା ।

ଅନୁବାଦ

ଏଠାରେ ଏ ସୈନ୍ୟବାହିନୀରେ ଭୀମ ଓ ଅର୍ଜୁନଙ୍କ ତୁଲ୍ୟ ଅନେକ ଧନୁର୍ଦ୍ଧାରୀ

ବୀର ଅଛନ୍ତି । ପୁନଶ୍ଚ ଯୁଯୁଧାନ ବିରାଟ ଏବଂ ଦ୍ରୁପଦଙ୍କପରି ଅନେକ ବିଶିଷ୍ଟ ଯୋଦ୍ଧା ଅଛନ୍ତି ।

ଭାବାର୍ଥ

ଦ୍ରୋଣାଚାର୍ଯ୍ୟଙ୍କୁ ଯୁଦ୍ଧକୌଶଳ ଭଲରକମ ଜଣାଥିଲା ଏବଂ ସେ ଜଣେ ବିଶିଷ୍ଟ ଯୋଦ୍ଧା ଥିଲେ । ଦ୍ରୋଣାଚାର୍ଯ୍ୟଙ୍କ ଯୁଦ୍ଧକୌଶଳ ଆଗରେ ଧୃଷ୍ଟଦ୍ୟୁମ୍ନ ଯଦିଓ କିଛି ବଡ଼ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ; ତଥାପି ଆହୁରି ଅନେକ ଏପରି ଯୋଦ୍ଧା ସେଠାରେ ଥିଲେ, ଯେଉଁମାନେ କି ଆଶଙ୍କାର କାରଣ ହୋଇଥିଲେ । ବିଜୟଲାଭ ମାର୍ଗରେ ସେମାନେ ହେଉଛନ୍ତି ବିରାଟ ପ୍ରତିବନ୍ଧକ, କାରଣ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଭୀମ ଓ ଅର୍ଜୁନଙ୍କପରି ଅତ୍ୟନ୍ତ ଭୟଙ୍କର ଥିଲେ । ଏକଥା ଦୁର୍ଯ୍ୟୋଧନ ପ୍ରକାଶ କଲେ । ସେ ଭୀମ ଓ ଅର୍ଜୁନଙ୍କର ବଳବୀର୍ଯ୍ୟ କଥା ଜାଣିଥିଲେ ଏବଂ ସେଇଥିପାଇଁ ସେ ଅନ୍ୟ ଯୋଦ୍ଧାମାନଙ୍କୁ ସେମାନଙ୍କ (ଭୀମ ଓ ଅର୍ଜୁନଙ୍କ) ସହ ତୁଳନା କଲେ ।

ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ ।
ପୁରୁଜିତ୍ କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ।।୫।।

ଶବ୍ଦାନୁବାଦ

ଧୃଷ୍ଟକେତୁଃ=ଧୃଷ୍ଟକେତୁ; ଚେକିତାନଃ=ଚେକିତାନ; କାଶିରାଜଃ=କାଶିରାଜ; ଚ=ମଧ୍ୟ; ବୀର୍ଯ୍ୟବାନ=ଅତ୍ୟନ୍ତ ଶକ୍ତିଶାଳୀ; ପୁରୁଜିତ୍=ପୁରୁଜିତ୍; କୁନ୍ତି-ଭୋଜଃ= କୁନ୍ତିଭୋଜ; ଚ=ଏବଂ; ଶୈବ୍ୟଃ=ଶୈବ୍ୟ; ଚ=ଏବଂ; ନରପୁଙ୍ଗବଃ=ଲୋକସମାଜରେ ଥିବା ବୀରଗଣ ।

ଅନୁବାଦ

ଧୃଷ୍ଟକେତୁ, ଚେକିତାନ, କାଶିରାଜ, ପୁରୁଜିତ୍, କୁନ୍ତିଭୋଜ ଏବଂ ଶୈବ୍ୟ ଆଦି ଅନେକ ଅତି ମହାନ୍ ଶକ୍ତିଶାଳୀ ଯୋଦ୍ଧା ଥିଲେ ।

ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।
ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥାଃ ।।୬।।

ଶବ୍ଦାନୁବାଦ

ଯୁଧାମନ୍ୟୁଃ=ଯୁଧାମନ୍ୟୁ; ଚ=ଏବଂ; ବିକ୍ରାନ୍ତଃ=ବଳବାନ୍; ଉତ୍ତମୌଜାଃ= ଉତ୍ତମୌଜା; ଚ=ଏବଂ; ବୀର୍ଯ୍ୟବାନ୍=ଅତ୍ୟନ୍ତ ବଳଶାଳୀ; ସୌଭଦ୍ରଃ=ସୁଭଦ୍ରାଙ୍କ ପୁତ୍ର; ଦ୍ରୌପଦେୟାଃ=ଦ୍ରୌପଦୀଙ୍କର ପୁତ୍ରଗଣ; ଚ=ଏବଂ; ସର୍ବେ=ସମସ୍ତେ; ଏବ= ନିଶ୍ଚିତଭାବେ; ମହାରଥାଃ=ମହାରଥୀ (ବିଶିଷ୍ଟ ରଥାରୋହୀ ଯୋଦ୍ଧା) ।

ଅନୁବାଦ

ଅତ୍ୟନ୍ତ ବଳଶାଳୀ ଯୁଧାମନ୍ୟୁ, ବୀର୍ଯ୍ୟବାନ୍ ଉତ୍ତମୌଜା, ସୁଭଦ୍ରାଙ୍କ ପୁତ୍ର ଏବଂ

ଦ୍ରୌପଦୀଙ୍କର ପୁତ୍ରଗଣ—ଏମାନେ ସମସ୍ତେ ସେ ସୈନ୍ୟବାହିନୀରେ ଅଛନ୍ତି । ଏମାନେ ସମସ୍ତେ ବିଶିଷ୍ଟ ରଥାରୋହୀ ଯୋଦ୍ଧା ବା ମହାରଥୀ ଅଟନ୍ତି ।

ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ ନିବୋଧ ଦ୍ୱିଜୋତ୍ତମ ।
ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ ବ୍ରବୀମି ତେ ॥୭॥

ଶବ୍ଦାନୁବାଦ

ଅସ୍ମାକଂ=ଆମ୍ଭମାନଙ୍କର; ତୁ=କିନ୍ତୁ; ବିଶିଷ୍ଟାଃ=ବିଶେଷକରି ଶକ୍ତିଶାଳୀ; ଯେ=ଯେଉଁମାନେ; ତାନ୍=ସେମାନଙ୍କୁ; ନିବୋଧ=ଜାଣିରଖନ୍ତୁ; ଦ୍ୱିଜୋତ୍ତମ=ଦ୍ୱିଜ (ବା ବ୍ରାହ୍ମଣ) ମାନଙ୍କ ମଧ୍ୟରେ ଉତ୍ତମ; ନାୟକାଃ=ନାୟକ ବା ସେନାପତିଗଣ; ମମ=ମୋର, ସୈନ୍ୟସ୍ୟ=ସୈନ୍ୟମାନଙ୍କର; ସଂଜ୍ଞା-ଅର୍ଥଂ=ଜଣାଇବା ପାଇଁ; ତାନ୍=ସେମାନଙ୍କୁ; ବ୍ରବୀମି=ମୁଁ କହୁଛି; ତେ=ଆପଣଙ୍କର ।

ଅନୁବାଦ

ହେ ଦ୍ୱିଜୋତ୍ତମ ! ଆପଣଙ୍କର ଅବଗତି ନିମିତ୍ତ ମୋ ସୈନ୍ୟମାନଙ୍କର ଯେଉଁମାନେ ସେନାପତି, ଯେଉଁମାନେ ବିଶେଷକରି ସୈନ୍ୟଚାଳନାରେ ଦକ୍ଷ, ସେମାନଙ୍କ ସମ୍ବନ୍ଧରେ କହୁଛି ।

ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଂଜୟଃ ।
ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବଚ ॥୮॥

ଶବ୍ଦାନୁବାଦ

ଭବାନ୍=ଆପଣ; ଭୀଷ୍ମଃ=ପିତାମହ ଭୀଷ୍ମ; ଚ=ମଧ୍ୟ; କର୍ଣ୍ଣଃ=କର୍ଣ୍ଣ; ଚ=ଏବଂ; ସମିତିଂଜୟ=ସର୍ବଦା ଯୁଦ୍ଧରେ ବିଜୟୀ; ଅଶ୍ୱତ୍ଥାମା=ଅଶ୍ୱତ୍ଥାମା; ବିକର୍ଣ୍ଣଃ=ବିକର୍ଣ୍ଣ; ଚ=ଏବଂ; ସୌମଦତ୍ତିଃ=ସୋମଦତ୍ତର ପୁତ୍ର; ତଥା=ଏବଂ; ଏବ=ନିଶ୍ଚିତଭାବେ; ଚ=ଏବଂ ।

ଅନୁବାଦ

ଆମ ସୈନ୍ୟବାହିନୀରେ ଆପଣ, ଭୀଷ୍ମ, କର୍ଣ୍ଣ, କୃପ, ଅଶ୍ୱତ୍ଥାମା, ବିକର୍ଣ୍ଣ ଏବଂ ସୋମଦତ୍ତଙ୍କର ପୁତ୍ର ଭୁରିଶ୍ରବା ଆଦି ଅଛନ୍ତି । ଏମାନେ ସବୁବେଳେ ଯୁଦ୍ଧରେ ବିଜୟୀ ହୁଅନ୍ତି ।

ଭାବାର୍ଥ

ଏ ଯୁଦ୍ଧରେ ତାଙ୍କ ପକ୍ଷରେ ଯେଉଁମାନେ ଅତି ବିଶିଷ୍ଟ ଯୋଦ୍ଧା ଥିଲେ, ଯେଉଁମାନେ କି ସର୍ବଦା ଯୁଦ୍ଧରେ ବିଜୟଲାଭ କରନ୍ତି, ସେହିମାନଙ୍କର ନାମ ଦୁର୍ଯ୍ୟୋଧନ କହିଲେ । ବିକର୍ଣ୍ଣ ହେଉଛି ଦୁର୍ଯ୍ୟୋଧନର ଭାଇ, ଅଶ୍ୱତ୍ଥାମା ହେଉଛି ଦ୍ରୋଣାଚାର୍ଯ୍ୟଙ୍କର ପୁତ୍ର ଏବଂ ସୌମଦତ୍ତି ଅର୍ଥାତ୍ ଭୁରିଶ୍ରବା ବାହ୍ଲିକ ଦେଶର ରାଜାଙ୍କର ପୁତ୍ର । କର୍ଣ୍ଣ

ହେଉଛି ଅର୍ଜୁନଙ୍କର ଭାଇ, କାରଣ ସେ କୁନ୍ତୀଙ୍କଠାରୁ କୁନ୍ତୀଙ୍କର ବିବାହ (ପାଣ୍ଡୁଙ୍କ ସହିତ) ପୂର୍ବରୁ ଜନ୍ମ ହୋଇଛି । କୃପାଚାର୍ଯ୍ୟ ଦ୍ରୋଣାଚାର୍ଯ୍ୟଙ୍କର ଯମଜ ଭଗ୍ନୀଙ୍କୁ ବିବାହ କରିଥିଲେ ।

ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତ-ଜୀବିତାଃ ।
ନାନା ଶସ୍ତ୍ର ପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ।।୯।।

ଶବ୍ଦାନୁବାଦ

ଅନ୍ୟେ=ଆହୁରି ଅନେକ; ଚ=ମଧ୍ୟ; ବହବଃ=ଖୁବ୍ ଅଧିକ ସଂଖ୍ୟାରେ; ଶୂରାଃ=ବୀରମାନେ; ମଦ୍-ଅର୍ଥେ=ମୋ ପାଇଁ; ତ୍ୟକ୍ତ ଜୀବିତାଃ=ଜୀବନ ଦେବାକୁ ପ୍ରସ୍ତୁତ; ନାନା=ଅନେକ; ଶସ୍ତ୍ର=ଶସ୍ତ୍ର; ପ୍ରହରଣାଃ=ସଜ୍ଜିତ; ସର୍ବେ=ସେମାନେ ସମସ୍ତେ; ଯୁଦ୍ଧ=ଯୁଦ୍ଧ; ବିଶାରଦାଃ=ରଣକୌଶଳ (ଯୁଦ୍ଧ-ବିଜ୍ଞାନ)ରେ ଅଭିଜ୍ଞ ।

ଅନୁବାଦ

ଆହୁରି ଅନେକ ବୀର ଅଛନ୍ତି, ଯେଉଁମାନେ ମୋ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ । ସେମାନେ ସମସ୍ତେ ନାନା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଛନ୍ତି ଏବଂ ସେମାନେ ସମସ୍ତେ ଯୁଦ୍ଧ-ବିଜ୍ଞାନରେ ଅଭିଜ୍ଞ ଅଟନ୍ତି ।

ଭାବାର୍ଥ

ଜୟଦ୍ରଥ, କୃତବର୍ମା, ଶଲ୍ୟ ଆଦିଙ୍କ ପରି ଅନ୍ୟ ଅନେକ ବୀର (ଯୋଦ୍ଧା) ଦୁର୍ଯ୍ୟୋଧନ ନିମିତ୍ତ ଜୀବନପାତ କରିବା ପାଇଁ ଦୃଢ଼ନିଶ୍ଚିତ ହୋଇଯାଇଛନ୍ତି । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ଏମାନେ ସମସ୍ତେ ପାପାଚାରୀ ଦୁର୍ଯ୍ୟୋଧନ ଦଳରେ ଯୋଗ ଦେଇ କୁରୁକ୍ଷେତ୍ର ଯୁଦ୍ଧରେ ମୃତ୍ୟୁବରଣ କରିବେ । ଅବଶ୍ୟ ଉପରେ କୁହାଯାଇଥିବା ଏସବୁ ଯୋଦ୍ଧାମାନଙ୍କର ସମ୍ମିଳିତ ବଳବୀର୍ଯ୍ୟ ଉପରେ ବିଶ୍ୱାସ କରି ଦୁର୍ଯ୍ୟୋଧନ ଯୁଦ୍ଧରେ ବିଜୟଲାଭ କରିବ ବୋଲି ଖୁବ୍ ଆଶା କରିଥିଲା ।

ଅପର୍ଯ୍ୟାପ୍ତଂ ତଦ୍ ଅସ୍ମାକମ୍ ବଳଂ ଭୀଷ୍ମାଭିରକ୍ଷିତମ୍ ।
ପର୍ଯ୍ୟାପ୍ତଂ ତୁ ଇଦଂ ଏତେଷାଂ ବଳଂ ଭୀମାଭିରକ୍ଷିତମ୍ ।।୧୦।।

ଶବ୍ଦାନୁବାଦ

ଅପର୍ଯ୍ୟାପ୍ତଂ=ଅପରିମିତ; ତଦ୍=ତାହା; ଅସ୍ମାକମ୍=ଆମ୍ଭମାନଙ୍କର; ବଳଂ=ବଳ; ଭୀଷ୍ମ=ପିତାମହ ଭୀଷ୍ମଙ୍କ ଦ୍ୱାରା; ଅଭିରକ୍ଷିତମ୍=ସୁରକ୍ଷିତ; ପର୍ଯ୍ୟାପ୍ତଂ=ପର୍ଯ୍ୟାପ୍ତ; ତୁ=କିନ୍ତୁ; ଇଦମ୍=ଏସବୁ; ଏତେଷାଂ=ପାଣ୍ଡବମାନଙ୍କର; ବଳଂ=ବଳ; ଭୀମ=ଭୀମଙ୍କ ଦ୍ୱାରା; ଅଭିରକ୍ଷିତମ୍=ସାବଧାନତା ସହକାରେ ସୁରକ୍ଷିତ ।

ଅନୁବାଦ

ଆମ୍ଭମାନଙ୍କର ବଳ ଅପରିମିତ ଅଟେ ଏବଂ ଆମ୍ଭେମାନେ ପିତାମହ ଭୀଷ୍ମଙ୍କ

ଦ୍ୱାରା ସୁରକ୍ଷିତ ଅଟୁଁ; କିନ୍ତୁ ଭୀମଙ୍କଦ୍ୱାରା ସାବଧାନତା ସହକାରେ ସୁରକ୍ଷିତ ପାଣ୍ଡବ-ମାନଙ୍କର ବଳ ସୀମିତ ଅଟେ ।

ଭାବାର୍ଥ

ଏଠାରେ ଦୁର୍ଯ୍ୟୋଧନ ଉଭୟ ପକ୍ଷର ସୈନ୍ୟବଳର ଏକ ତୁଳନାତ୍ମକ ଚିତ୍ର ଦେଉଛି । ସେ ଭାବୁଛି, ତା'ର ସୈନ୍ୟବଳ ଅପରିମିତ ଅଟେ ଏବଂ ଏହା ଅତ୍ୟନ୍ତ ଅଭିଜ୍ଞ ସେନାପତି ପିତାମହ ଭୀଷ୍ମଙ୍କଦ୍ୱାରା ସୁରକ୍ଷିତ ହୋଇଅଛି । ଅନ୍ୟପକ୍ଷରେ ପାଣ୍ଡବମାନଙ୍କର ବଳ ପର୍ଯ୍ୟାପ୍ତ ଅଟେ ଏବଂ ଏହା ଅନଭିଜ୍ଞ ସେନାପତି ଭୀମଙ୍କଦ୍ୱାରା ସୁରକ୍ଷିତ ହୋଇଅଛି । ଭୀଷ୍ମଙ୍କ ସମ୍ମୁଖରେ ଭୀମ ଅତି ନଗଣ୍ୟ ଅଟେ । ଦୁର୍ଯ୍ୟୋଧନ ସର୍ବଦା ଭୀମପ୍ରତି ହିଂସା ଆଚରଣ କରେ; କାରଣ ସେ ଏହା ଭଲରୂପେ ଜାଣିଥିଲା ଯେ ଯଦି ସେ ମରିବ, ତାହାହେଲେ ସେ ଏକା ଏହି ଭୀମଙ୍କଦ୍ୱାରା ହିଁ ହତ ହେବ; କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ତା'ର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ଭୀଷ୍ମଙ୍କ ଉପସ୍ଥିତି ଯୋଗୁଁ ସେ ନିଶ୍ଚୟ ବିଜୟ ହାସଲ କରିବ, କାରଣ ସେ (ଭୀଷ୍ମଦେବ) ଏକ ପ୍ରସିଦ୍ଧ ସେନାପତି ଥିଲେ । ସେ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲା ଯେ, ସେ ନିଶ୍ଚୟ ଯୁଦ୍ଧରେ ବିଜୟ ହାସଲ କରିବ ।

ଅୟନେଷୁ ଚ ସର୍ବେଷୁ ଯଥାଭାଗମ୍ ଅବସ୍ଥିତାଃ ।
ଭୀଷ୍ମମ୍ ଏବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ॥୧୧॥

ଶବ୍ଦାନୁବାଦ

ଅୟନେଷୁ=ଘାଟିସ୍ଥାନ; ଚ=ମଧ୍ୟ; ସର୍ବେଷୁ=ସର୍ବତ୍ର; ଯଥାଭାଗମ୍=ଯେଉଁ ଯେଉଁ ସ୍ଥାନରେ ଯେପରି ଭାବରେ ଯେଉଁମାନଙ୍କୁ ରଖାଯାଇଛି; ଅବସ୍ଥିତାଃ=ଅବସ୍ଥିତ; ଭୀଷ୍ମମ୍= ପିତାମହ ଭୀଷ୍ମଙ୍କୁ; ଏବ=ନିଶ୍ଚିତଭାବେ; ଅଭିରକ୍ଷନ୍ତୁ=ସହାୟ ହୁଅନ୍ତୁ; ଭବନ୍ତଃ=ଆପଣ-ମାନେ ସମସ୍ତେ; ସର୍ବେ=ସମସ୍ତେ; ଏବ=ନିଶ୍ଚିତଭାବେ; ହି=ଏବଂ ଠିକ୍ ଭାବରେ ।

ଅନୁବାଦ

ବର୍ତ୍ତମାନ ଆପଣମାନେ ସମସ୍ତେ ବ୍ୟୂହ ମଧ୍ୟରେ ନିଜ ନିଜ ସ୍ଥାନରେ (ଘାଟିସ୍ଥାନମାନଙ୍କରେ) ଠିକ୍ ଭାବରେ ରହି ପିତାମହ ଭୀଷ୍ମଙ୍କୁ ପୂର୍ଣ୍ଣ ପ୍ରାଣରେ ସହାୟ ହେବା ଉଚିତ୍ ।

ଭାବାର୍ଥ

ଦୁର୍ଯ୍ୟୋଧନ, ପିତାମହ ଭୀଷ୍ମଙ୍କର ବଳବୀର୍ଯ୍ୟ ପ୍ରଶଂସା କରିସାରିବାପରେ, କାଳେ ଅନ୍ୟମାନେ କେହି ଭାବିବେ ଯେ, ଦୁର୍ଯ୍ୟୋଧନ ସେମାନଙ୍କ ଉପରେ କୌଣସି ଗୁରୁତ୍ୱ ଆରୋପ କରୁନାହିଁ; ଏଇଥିପାଇଁ ଏକ ରାଜନୀତିଜ୍ଞ କୂଟନୈତିକ ହିସାବରେ ଉପର-ଲିଖିତମତେ କହି ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କଲା । ସେ ବଡ଼ ଜୋର୍ ଦେଇ କହିଲା, ଏହା ନିଃସନ୍ଦେହ ଯେ ଭୀଷ୍ମଦେବ ସର୍ବୋତ୍ତମ ବୀର (ବା ଯୋଦ୍ଧା) ଅଟନ୍ତି;

କିନ୍ତୁ ସେ ଜଣେ ବୃଦ୍ଧଲୋକ, ତେଣୁ ପ୍ରତ୍ୟେକେ ସବୁ ଦିଗରୁ ତାଙ୍କର ସୁରକ୍ଷା କଥା ଚିନ୍ତା କରିବା ଉଚିତ୍ । ସେ ଯୁଦ୍ଧରେ ନିଯୁକ୍ତ ହୋଇପାରନ୍ତି ଏବଂ ସେ ଗୋଟିଏ ପାଖରେ ରହି ଯୁଦ୍ଧ କରୁଥିବାରୁ ଶତ୍ରୁମାନେ ତାଙ୍କର ଏହି ଗୋଟିଏ ପାଖ ଯୁଦ୍ଧର ସୁଯୋଗ ନେଇପାରନ୍ତି; ତେଣୁ ଅନ୍ୟ ବୀରମାନେ ସେମାନଙ୍କର ଘାଟିସ୍ଥାନମାନ ତ୍ୟାଗ କରିବା ଉଚିତ୍ ନୁହେଁ ଏବଂ ଶତ୍ରୁମାନଙ୍କୁ ବ୍ୟୂହ ଭେଦ କରିବାକୁ ଛାଡ଼ିଦେବା ଉଚିତ୍ ନୁହେଁ । ଦୁର୍ଯୋଧନ ଭଲଭାବରେ ଅନୁଭବ କଲେ ଯେ କୌରବମାନଙ୍କର ବିଜୟ ଭୀଷ୍ମଦେବଙ୍କ ଉପରେ ନିର୍ଭର କରେ । ଭୀଷ୍ମଦେବ ଓ ଦ୍ରୋଣାଚାର୍ଯ୍ୟ ଯେ ଏ ଯୁଦ୍ଧରେ ପୂର୍ଣ୍ଣପ୍ରାଣରେ ଆତ୍ମନିୟୋଗ କରିବେ, ଏ ସମ୍ବନ୍ଧରେ ସେ ଦୃଢ଼ନିଶ୍ଚିତ ହୋଇଯାଇଥିଲେ, କାରଣ ସେ ଭଲଭାବରେ ଜାଣିଥିଲେ ଯେ, ଯେତେବେଳେ ଅର୍ଜୁନଙ୍କ ସ୍ତ୍ରୀ ଦ୍ରୌପଦୀଙ୍କୁ ସଭାରେ ସମସ୍ତ ବିଶିଷ୍ଟ ଯୋଦ୍ଧାବୀର ସେନାପତିମାନଙ୍କ ସମକ୍ଷରେ ଉଲଗ୍ନ କରାଯାଇଥିଲା ଏବଂ ଦ୍ରୌପଦୀ ଅସହାୟ ଅବସ୍ଥାରେ ସେମାନଙ୍କୁ ନ୍ୟାୟ ପାଇଁ ପ୍ରାର୍ଥନା କରିଥିଲେ, ସେତେବେଳେ ସେମାନେ ପଦେ କଥା ବି କହିନାହାନ୍ତି । ଯଦିଓ ସେ ଜାଣିଥିଲେ ଯେ, ଏ ଦୁଇଜଣ ବିଶିଷ୍ଟ ସେନାପତି (ଅର୍ଥାତ୍ ଭୀଷ୍ମ ଓ ଦ୍ରୋଣ)ଙ୍କର ପାଣ୍ଡବମାନଙ୍କ ପ୍ରତି ସ୍ନେହସହାନୁଭୂତି ଅଛି; ତଥାପି ସେ ଆଶା କରିଥିଲେ ଯେ ସେ ସମସ୍ତ ସ୍ନେହସହାନୁଭୂତିକୁ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଉଚିତ୍ । ଦ୍ୟୂତକ୍ରୀଡ଼ା (ବା ପଶାଖେଳ) ସମୟରେ ସେମାନେ ଯେପରି ଭାବରେ ଆଚରଣ କରିଥିଲେ, ବର୍ତ୍ତମାନ ସେହିପରି ଭାବରେ ଆଚରଣ କରିବା ଉଚିତ୍ ।

ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥୧୨॥

ଶବ୍ଦାନୁବାଦ

ତସ୍ୟ=ତାଙ୍କର; ସଂଜନୟନ୍=ବୃଦ୍ଧି କରି; ହର୍ଷଂ=ହର୍ଷ (ଆନନ୍ଦ); କୁରୁବୃଦ୍ଧ= କୁରୁବଂଶର ବୃଦ୍ଧ ପିତାମହ (ଭୀଷ୍ମ); ପିତାମହଃ=ପିତାମହ; ସିଂହନାଦଂ=ସିଂହଗର୍ଜନ-ସଦୃଶ; ବିନଦ୍ୟ=ନାଦକରି; ଉଚ୍ଚୈଃ=ଖୁବ୍ ଉଚ୍ଚ ସ୍ୱରରେ; ଶଙ୍ଖଂ=ଶଙ୍ଖ; ଦଧ୍ମୌ=ନାଦ-କଲେ; ପ୍ରତାପବାନ୍=ପ୍ରତାପଶାଳୀ ।

ଅନୁବାଦ

ତପରେ ଅତି ପ୍ରତାପଶାଳୀ କୁରୁବଂଶର ପିତାମହ ଓ ଯୋଦ୍ଧାମାନଙ୍କର ପିତା-ମହ ଭୀଷ୍ମ ଦୁର୍ଯୋଧନକୁ ଆନନ୍ଦ ଦେବା ନିମିତ୍ତ ସିଂହଗର୍ଜନ ସଦୃଶ ଅତି ଉଚ୍ଚ ସ୍ୱରରେ ତାଙ୍କର ଶଙ୍ଖନାଦ କଲେ ।

ଭାବାର୍ଥ

କୁରୁବଂଶର ପିତାମହ ଭୀଷ୍ମଦେବ ତାଙ୍କର ନାତି ଦୁର୍ଯୋଧନର ହୃଦୟର କଥା ଜାଣିପାରିଲେ ଏବଂ ତା'ପ୍ରତି ଥିବା ସ୍ୱାଭାବିକ ସ୍ନେହବଶତଃ ଅତି ଉଚ୍ଚ ସ୍ୱରରେ ତାଙ୍କର ଶଙ୍ଖନାଦ କରି ତାକୁ ଆନନ୍ଦ ଦେବାକୁ ଚେଷ୍ଟା କଲେ । ଭୀଷ୍ମଦେବ ଏକ ସିଂହ ସଦୃଶ ପ୍ରତାପବାନ୍ ଥିଲେ; ତେଣୁ ତାଙ୍କର ଶଙ୍ଖନାଦ ସିଂହଗର୍ଜନ ସଦୃଶ ହୋଇଥିଲା ।

ପରୋକ୍ଷରେ, ଶଙ୍ଖର ପ୍ରତୀକରୁ ସେ ତାଙ୍କର ହତାଶ ହୋଇପଡ଼ିଥିବା ନାତି ଦୁର୍ଯ୍ୟୋଧନଙ୍କୁ ଜଣାଇଦେଲେ ଯେ, ଏ ଯୁଦ୍ଧରେ ତା'ର ବିଜୟର ଆଶା ନାହିଁ, କାରଣ ପରମେଶ୍ୱର କୃଷ୍ଣ ଅନ୍ୟ ପକ୍ଷରେ ଅଛନ୍ତି; କିନ୍ତୁ ତଥାପି ଏହା ତାଙ୍କର (ଭୀଷ୍ମଙ୍କର) କର୍ତ୍ତବ୍ୟ ଯେ ସେ ଯୁଦ୍ଧ ପରିଚାଳନା କରିବେ ଏବଂ ସେଥିରେ ସେ କିଛି ହେଳା କରିବେ ନାହିଁ ।

ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକ-ଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ ତୁମୁଳୋଽଭବତ୍ ।।୧୩।।

ଶବ୍ଦାନୁବାଦ

ତତଃ=ତପରେ; ଶଙ୍ଖାଃ=ଶଙ୍ଖମାନ; ଚ=ମଧ୍ୟ; ଭେର୍ଯ୍ୟଃ=ଭେରି; ଚ=ଏବଂ; ପଣବ-ଆନକ=ତୂରୀ ଏବଂ ନାଗରା; ଗୋ-ମୁଖାଃ=ଶିଙ୍ଗା; ସହସା=ହଠାତ୍; ଏବ=ନିଶ୍ଚିତଭାବେ; ଅଭ୍ୟହନ୍ୟନ୍ତ=ଏକ ସମୟରେ ବାଜିଉଠି; ସଃ=ତାହା; ଶବ୍ଦଃ=ଏକତ୍ର ଧ୍ୱନି: ତୁମୁଳଃ=ତୁମୁଳ (ପ୍ରକାଣ୍ଡ): ଅଭବତ୍=ହେଲା ।

ଅନୁବାଦ

ତପରେ ଶଙ୍ଖ, ଭେରି, ତୂରୀ, ନାଗରା ଏବଂ ଶିଙ୍ଗାଆଦି ହଠାତ୍ ବାଜିଉଠିଲା ଏବଂ ସମସ୍ତଙ୍କର ଏକତ୍ର ସ୍ୱର (ବା ଧ୍ୱନି) ପ୍ରକାଣ୍ଡ ହୋଇଉଠିଲା ।

ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ।।୧୪।।

ଶବ୍ଦାନୁବାଦ

ତତଃ=ତପରେ; ଶ୍ୱେତୈଃ-ହୟୈଃ=ଶ୍ୱେତଅଶ୍ୱ ଦ୍ୱାରା; ଯୁକ୍ତେ=ଯୁକ୍ତହୋଇ; ମହତି ସ୍ୟନ୍ଦନେ=ମହାନ୍ ରଥରେ; ସ୍ଥିତୌ=ଉପବେଶନକରି; ମାଧବଃ=କୃଷ୍ଣ (ଲକ୍ଷ୍ମୀଙ୍କର ଧବ ବା ସ୍ୱାମୀ); ପାଣ୍ଡବଃ=ଅର୍ଜୁନ (ପାଣ୍ଡୁପୁତ୍ର); ଚ=ମଧ୍ୟ: ଏବ=ନିଶ୍ଚିତଭାବେ; ଦିବ୍ୟୌ=ଦିବ୍ୟ; ଶଙ୍ଖୌ=ଶଙ୍ଖମାନ; ପ୍ରଦଧ୍ମତୁଃ=ବାଜିଉଠିଲେ ।

ଅନୁବାଦ

ଅନ୍ୟପକ୍ଷରେ, ଉଭୟେ ଭଗବାନ୍ ଶ୍ରୀକୃଷ୍ଣ ଓ ଅର୍ଜୁନ ଶ୍ୱେତଅଶ୍ୱଯୁକ୍ତ ଏକ ବିରାଟ ରଥ ଉପରେ ବସି ସେମାନଙ୍କର ଦିବ୍ୟଶଙ୍ଖ ବଜାଇଲେ ।

ଭାବାର୍ଥ

ଭୀଷ୍ମଦେବ ଯେଉଁ ଶଙ୍ଖ ବଜାଇଲେ, ସେ ଶଙ୍ଖ ସହିତ ତୁଳନାକରି କୁହାଯାଉଛି ଯେ, କୃଷ୍ଣ ଓ ଅର୍ଜୁନଙ୍କ ହାତରେ ଥିବା ଶଙ୍ଖ ଦିବ୍ୟଶଙ୍ଖ ଅଟେ; କିନ୍ତୁ ଭୀଷ୍ମଙ୍କର ଶଙ୍ଖ ଦିବ୍ୟଶଙ୍ଖ ନୁହେଁ । ଦିବ୍ୟ ଶଙ୍ଖନାଦ ଧ୍ୱନିରୁ ଏହି ସୂଚନା ମିଳୁଛି ଯେ, ଅନ୍ୟପକ୍ଷରେ ବିଜୟର ଆଶା ନାହିଁ, କାରଣ କୃଷ୍ଣ ପାଣ୍ଡବମାନଙ୍କ ପକ୍ଷରେ ଅଛନ୍ତି । "ଜୟସ୍ତୁ ପାଣ୍ଡୁପୁତ୍ରାଣାମ୍ ଯେଷାମ୍ ପକ୍ଷେ ଜନାର୍ଦ୍ଦନଃ ।" ପାଣ୍ଡୁପୁତ୍ରମାନଙ୍କ ସଦୃଶ ବ୍ୟକ୍ତିମାନଙ୍କ ପକ୍ଷରେ

ବଗବର ବିଜୟ ଥାଏ, କାରଣ ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ସହିତ ଥା'ନ୍ତି । ଯେତେବେଳେ ଓ ଯେଉଁଠାରେ ଭଗବାନ୍ ଥା'ନ୍ତି, ସେଠାରେ ଲକ୍ଷ୍ମୀଦେବୀ ମଧ୍ୟ ଥା'ନ୍ତି, କାରଣ ଲକ୍ଷ୍ମୀଦେବୀ ତାଙ୍କର ସ୍ୱାମୀଙ୍କୁ ଛାଡ଼ି ଏକାକୀ ରହନ୍ତି ନାହିଁ । ବିଜୟ ଓ ଭଗ୍ୟଲକ୍ଷ୍ମୀ ଅର୍ଜୁନଙ୍କୁ ଅପେକ୍ଷା କରୁଛନ୍ତି, କାରଣ ଏହା ଭଗବାନ୍ ବିଷ୍ଣୁ ବା କୃଷ୍ଣଙ୍କର ଦିବ୍ୟ ଶଙ୍ଖନାଦରୁ ସୂଚିତ ହେଉଅଛି । ଏତଦ୍‌ବ୍ୟତୀତ (କୃଷ୍ଣ ଓ ଅର୍ଜୁନ) ଏ ଦୁଇସଖା ଯେଉଁ ରଥ ଉପରେ ବସିଥିଲେ, ତାହା ଅଗ୍ନିଦେବ ଅର୍ଜୁନଙ୍କୁ ପ୍ରଦାନ କରିଥିଲେ ଏବଂ ଏଥିରୁ ସୂଚିତ ହେଉଥିଲା ଯେ, ତ୍ରିଭୁବନ ମଧ୍ୟରେ ଏ ରଥ ଯେଉଁଠାରେ ଟଣାଯିବ, ସେଠାରେ ତାହା ଚତୁର୍ଦ୍ଦିଗ ଜୟ କରିବାକୁ ସକ୍ଷମ ହେବ ।

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖମ୍ ଭୀମକର୍ମା ବୃକୋଦରଃ ॥୧୫॥

ଶବ୍ଦାନୁବାଦ

ପାଞ୍ଚଜନ୍ୟଂ=ପାଞ୍ଚଜନ୍ୟ ନାମକ ଶଙ୍ଖ; ହୃଷୀକେଶଃ=ହୃଷୀକେଶ (କୃଷ୍ଣ, ଯେ କି ଭକ୍ତମାନଙ୍କର ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରନ୍ତି); ଦେବଦତ୍ତଂ=ଦେବଦତ୍ତ ନାମକ ଶଙ୍ଖ; ଧନଞ୍ଜୟଃ=ଧନଞ୍ଜୟ (ଅର୍ଜୁନ, ଯେ ଜିଣିକରି ଧନ ଆଣିଥିଲେ); ପୌଣ୍ଡ୍ରଂ=ପୌଣ୍ଡ୍ର ନାମକ ଶଙ୍ଖ; ଦଧ୍ମୌ=ବଜାଇଲେ; ମହାଶଙ୍ଖମ୍=ଅତି ଭୟଙ୍କର ଶଙ୍ଖ; ଭୀମକର୍ମା=ଯେ କି ଅତି ଭୟଙ୍କର କର୍ମ କରେ; ବୃକୋଦରଃ=ଯେ ବହୁତ ଭୋଜନ କରେ (ଭୀମ) ।

ଅନୁବାଦ

ତପରେ କୃଷ୍ଣ ତାଙ୍କର ପାଞ୍ଚଜନ୍ୟ ଶଙ୍ଖନାଦ କଲେ । ଅର୍ଜୁନ ଦେବଦତ୍ତ ନାମକ ଶଙ୍ଖ ବଜାଇଲେ ଏବଂ ବହୁଭୋଜନକାରୀ ଭୀମକର୍ମା ଭୀମ ତାଙ୍କର ଭୟଙ୍କର ଶଙ୍ଖ; ପୌଣ୍ଡ୍ର ନାମକ ଶଙ୍ଖ ବଜାଇଲେ ।

ଭାବାର୍ଥ

ଏ ଶ୍ଲୋକରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ "ହୃଷୀକେଶ" ବୋଲି କୁହାଯାଇଅଛି, କାରଣ ସେ ହେଉଛନ୍ତି ସମସ୍ତ ଇନ୍ଦ୍ରିୟର ଅଧିକାରୀ । ଜୀବଗଣ 'ତାଙ୍କର ଅଂଶବିଶେଷ ଅଟନ୍ତି ଏବଂ ସେଇଥିପାଇଁ ଜୀବମାନଙ୍କର ଇନ୍ଦ୍ରିୟଗୁଡ଼ିକ ତାଙ୍କର (ଭଗବାନ୍‌ଙ୍କର) ଅଂଶବିଶେଷ ଅଟନ୍ତି । ମାୟାବାଦୀଗଣ ଜୀବମାନଙ୍କର ଇନ୍ଦ୍ରିୟମାନଙ୍କ କଥା ଜାଣିପାରନ୍ତି ନାହିଁ ଏବଂ ସେଇଥିପାଇଁ ସେମାନେ ସର୍ବଦା ଜୀବମାନଙ୍କୁ ଇନ୍ଦ୍ରିୟହୀନ କିମ୍ବା ନିର୍ବିଶେଷ ବୋଲି ବର୍ଣ୍ଣନା କରିବାକୁ ଉଦ୍‌ବିଗ୍ନ । ଭଗବାନ୍ ଜୀବମାନଙ୍କର ହୃଦୟରେ ଅବସ୍ଥାନ କରି ସେମାନଙ୍କର ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରନ୍ତି; କିନ୍ତୁ ସେ ଜୀବମାନଙ୍କୁ ତାଙ୍କର ଶରଣରେ ଆସିବାକୁ ନିର୍ଦ୍ଦେଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ କରନ୍ତି ଏବଂ ଏକ ଶୁଦ୍ଧ ଭକ୍ତର ଇନ୍ଦ୍ରିୟମାନଙ୍କୁ ସେ ପ୍ରତ୍ୟକ୍ଷ ଭବରେ ନିୟନ୍ତ୍ରଣ କରନ୍ତି । ଏଠାରେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଭଗବାନ୍ ପ୍ରତ୍ୟକ୍ଷ ଭବରେ ଅର୍ଜୁନଙ୍କର ଦିବ୍ୟ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ସେଇଥିପାଇଁ ତାଙ୍କର ନାମ ହୋଇଛି "ହୃଷୀକେଶ" । ଭଗବାନ୍‌ଙ୍କର ବିଭିନ୍ନ କାର୍ଯ୍ୟାନୁଯାୟୀ ବିଭିନ୍ନ

ପ୍ରକାର ନାମ ଅଛି । ଉଦାହରଣ ସ୍ୱରୂପ, ତାଙ୍କର ଗୋଟିଏ ନାମ ହେଉଛି–'ମଧୁସୂଦନ', କାରଣ ସେ 'ମଧୁ' ନାମକ ଏକ ଦୈତ୍ୟକୁ ବିନାଶ କରିଥିଲେ । ତାଙ୍କର ଅନ୍ୟ ଗୋଟିଏ ନାମ ହେଉଛି 'ଗୋବିନ୍ଦ', କାରଣ ସେ 'ଗାଭୀ' ମାନଙ୍କୁ ଓ ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦିଅନ୍ତି । ତାଙ୍କର ପୁଣି ଅନ୍ୟ ଗୋଟିଏ ନାମ ହେଉଛି 'ବାସୁଦେବ', କାରଣ ସେ ବସୁଦେବଙ୍କର ପୁତ୍ରରୂପେ ଆବିର୍ଭୂତ ହୋଇଥିଲେ । ତାଙ୍କର ଏକ ନାମ ହେଉଛି 'ଦେବକୀନନ୍ଦନ', କାରଣ ସେ ଦେବକୀଙ୍କୁ ମାତାରୂପେ ଗ୍ରହଣ କରିଥିଲେ । ତାଙ୍କର ଅନ୍ୟ ଏକ ନାମ ହେଉଛି 'ଯଶୋଦାନନ୍ଦନ', କାରଣ ସେ ବୃନ୍ଦାବନରେ ଯଶୋଦାଙ୍କ ପାଖରେ ତାଙ୍କର ବାଲ୍ୟଲୀଳା କରିଥିଲେ । ତାଙ୍କର ପୁଣି ଅନ୍ୟ ଏକ ନାମ ହେଉଛି 'ପାର୍ଥସାରଥି', କାରଣ ସେ ତାଙ୍କର ସଖା ଅର୍ଜୁନଙ୍କର ସାରଥି ରୂପେ କାମ କରିଥିଲେ । ସେହିପରି ତାଙ୍କର ନାମ ହେଉଛି 'ହୃଷୀକେଶ', କାରଣ ସେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅର୍ଜୁନଙ୍କୁ ଏଠାରେ 'ଧନଞ୍ଜୟ' ବୋଲି କୁହାଯାଇଅଛି, କାରଣ ସେ ତାଙ୍କର ବଡ଼ଭାଇଙ୍କୁ ଧନ ସଂଗ୍ରହରେ ସାହାଯ୍ୟ କରିଥିଲେ । ଯେତେବେଳେ ତାଙ୍କ ବଡ଼ଭାଇ ରାଜା ଯୁଧିଷ୍ଠିର ବିଭିନ୍ନ ପ୍ରକାର ଯଜ୍ଞାନୁଷ୍ଠାନ ନିମିତ୍ତ ଧନ ଆବଶ୍ୟକ କଲେ, ସେତେବେଳେ ଅର୍ଜୁନ ତାହା ସଂଗ୍ରହ କରି ଆଣିଥିଲେ । ଠିକ୍ ସେହିପରି ଭୀମଙ୍କୁ 'ବୃକୋଦର' ବୋଲି କୁହାଯାଇଛି, କାରଣ ସେ ବହୁତ ଭୋଜନ କରିପାରନ୍ତି । ସେ ଯେପରି ଖୁବ୍ କଠିନ କର୍ମ ସଂପାଦନ କରିପାରନ୍ତି, ସେହିପରି ଖୁବ୍ ଭୋଜନ କରିପାରନ୍ତି । ସେ ହିଡ଼ିମ୍ବ ଦୈତ୍ୟ ବିନାଶ ଭଳି ଅନେକ ଦୁଃସାଧ୍ୟ କର୍ମ ସଂପାଦନ କରିପାରନ୍ତି; ତେଣୁ ପାଣ୍ଡବପକ୍ଷର ବିଭିନ୍ନ ଯୋଦ୍ଧାବୀରମାନେ ଯେଉଁ ଯେଉଁ ଶଙ୍ଖନାଦ କଲେ, ତାହା ଯୋଦ୍ଧୃବୃନ୍ଦଙ୍କୁ ଉପଯୁକ୍ତ ପ୍ରେରଣା ପ୍ରଦାନ କଲା । ପ୍ରଥମେ ଭଗବାନ୍ ଶଙ୍ଖନାଦ କଲେ, ତପରେ ଅନ୍ୟମାନେ ସେମାନଙ୍କର ଶଙ୍ଖନାଦ କଲେ । ଅନ୍ୟପକ୍ଷରେ ଏପ୍ରକାର ଉତ୍ତେଜନାମୂଳକ ସଙ୍କେତ କିଛି ନ ଥିଲା । ସେ ପକ୍ଷରେ ପରମ ନିୟନ୍ତ୍ରଣକାରୀ ଭଗବାନ୍ ଶ୍ରୀକୃଷ୍ଣ ନ ଥିଲେ କିମ୍ବା ଭାଗ୍ୟଲକ୍ଷ୍ମୀ ନ ଥିଲେ; ତେଣୁ ସେମାନେ ଯେ ଯୁଦ୍ଧରେ ପରାଜିତ ହେବେ, ଏହା ସୂଚିତ ହେଉଥିଲା । ସେମାନଙ୍କ ଭାଗ୍ୟରେ ଯେ ଏହା ପୂର୍ବରୁ ଲିପିବଦ୍ଧ ହୋଇଅଛି, ଏହା ଜଣାପଡ଼ୁଥିଲା । ଶଙ୍ଖନାଦ ଦ୍ୱାରା ଏହି ସଂବାଦ ହିଁ ପ୍ରଚାରିତ ହେଉଥିଲା ।

ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ ସୁଘୋଷ ମଣିପୁଷ୍ପକୌ ॥୧୬॥

କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥୧୭॥

ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥୧୮॥

ଶବ୍ଦାନୁବାଦ

ଅନନ୍ତ ବିଜୟଂ=ଅନନ୍ତ ବିଜୟ ନାମକ ଶଙ୍ଖ; ରାଜା=ରାଜା; କୁନ୍ତୀପୁତ୍ରଃ=

କୁନ୍ତୀପୁତ୍ର; ଯୁଧିଷ୍ଠିରଃ=ଯୁଧିଷ୍ଠିର; ନକୁଳଃ=ନକୁଳ; ସହଦେବଃ=ସହଦେବ; ଚ=ଏବଂ; ସୁଘୋଷ ମଣିପୁଷ୍ପକୌ=ସୁଘୋଷ ଏବଂ ମଣିପୁଷ୍ପକ ନାମକ ଶଙ୍ଖ; କାଶ୍ୟଃ=କାଶୀ (ବାରଣାସୀ)ର ରଜା; ଚ=ଏବଂ; ପରମେଷ୍ୱାସଃ=ପ୍ରସିଦ୍ଧ ଧନୁର୍ଦ୍ଧର; ଶିଖଣ୍ଡୀ=ଶିଖଣ୍ଡୀ; ଚ=ମଧ୍ୟ; ମହାରଥଃ=ଯେ ଏକାକୀ ହଜାର ହଜାର ସୈନ୍ୟଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରେ; ଧୃଷ୍ଟଦ୍ୟୁମ୍ନଃ=ଧୃଷ୍ଟଦ୍ୟୁମ୍ନ (ଦ୍ରୁପଦ ରଜାଙ୍କର ପୁତ୍ର); ବିରଟଃ=ବିରଟ (ଅଜ୍ଞାତବାସ ସମୟରେ ଯେଉଁ ରଜା ପାଣ୍ଡବମାନଙ୍କୁ ଆଶ୍ରୟ ଦେଇଥିଲେ); ଚ=ମଧ୍ୟ; ସାତ୍ୟକିଃ=ସାତ୍ୟକି (ଭଗବାନ୍ ଶ୍ରୀକୃଷ୍ଣଙ୍କର ସାରଥି ଯୁଯୁଧାନ); ଚ=ଏବଂ; ଅପରଜିତଃ= ଯେ କି ପୂର୍ବରୁ କେବେ ପରଜିତ ହୋଇନାହାନ୍ତି; ଦ୍ରୁପଦଃ=ଦ୍ରୁପଦ (ପଞ୍ଚାଳ ଦେଶର ରଜା), ଦ୍ରୌପଦେୟାଃ=ଦ୍ରୌପଦୀଙ୍କର ପୁତ୍ରଗଣ; ଚ=ମଧ୍ୟ; ସର୍ବଶଃ=ସମସ୍ତେ; ପୃଥିବୀପତେ=ହେ ରଜା; ସୌଭଦ୍ରଃ=ସୁଭଦ୍ରାର ପୁତ୍ର (ଅଭିମନ୍ୟୁ); ଚ=ମଧ୍ୟ; ମହାବାହୁଃ=ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ, ଶଙ୍ଖାନ୍=ଶଙ୍ଖମାନ, ଦଧ୍ମୁଃ=ନାଦ କଲେ; ପୃଥକ୍ ପୃଥକ୍=ପୃଥକ୍ ପୃଥକ୍‌ଭବେ ।

ଅନୁବାଦ

କୁନ୍ତିପୁତ୍ର ରଜା ଯୁଧିଷ୍ଠିର 'ଅନନ୍ତ ବିଜୟ' ନାମକ ଶଙ୍ଖ ବଜାଇଲେ ଏବଂ ନକୁଳ ଓ ସହଦେବ ସୁଘୋଷ ଏବଂ ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ । ହେ ରଜା ! ମହାଧନୁର୍ଦ୍ଧର କାଶୀରଜ, ମହାଯୋଦ୍ଧା ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରଟ ଏବଂ ଅପରଜିତ ସାତ୍ୟକି, ଦ୍ରୁପଦ, ଦ୍ରୌପଦୀଙ୍କର ପୁତ୍ରଗଣ ଓ ଅନ୍ୟମାନେ, ଯଥା—ମହାବାହୁ ସୁଭଦ୍ରା-ପୁତ୍ର (ଅଭିମନ୍ୟୁ) ଆଦି ପୃଥକ୍ ପୃଥକ୍‌ଭବେ ନିଜ ନିଜ ଶଙ୍ଖମାନ ନାଦ କଲେ ।

ଭବାର୍ଥ

ସଞ୍ଜୟ, ରଜା ଧୃତରଷ୍ଟ୍ରଙ୍କୁ ବଡ଼ ଚତୁରତା ସହିତ କହିଲେ ଯେ ସେ ପାଣ୍ଡୁପୁତ୍ର-ମାନଙ୍କୁ ରଜଗାଦିରେ ବସାଇବା ନିମିତ୍ତ ଯେଉଁ ଅଜ୍ଞନୀତି ଧରିଛନ୍ତି, ତାହା କୌଣସିମତେ ଭଲ ନୁହେଁ । ସମଗ୍ର କୁରୁବଂଶ ଯେ ସେ ମହାଯୁଦ୍ଧରେ ଧ୍ୱଂସ ହେବେ, ଏହାର ସଙ୍କେତ ପ୍ରକାଶ ପାଇସାରିଲଣି । ପିତାମହ ଭୀଷ୍ମଙ୍କଠାରୁ ଆରମ୍ଭ କରି ପ୍ରପୌତ୍ର ଅଭିମନ୍ୟୁଙ୍କ ପର୍ଯ୍ୟନ୍ତ ସମସ୍ତେ—ପୃଥିବୀର ଅନେକ ରଜ୍ୟର ରଜାମାନଙ୍କ ସମେତ ସମସ୍ତେ ସେଠାରେ ଉପସ୍ଥିତ ଥିଲେ ଏବଂ ଏମାନେ ସମସ୍ତେ ଧ୍ୱଂସାଭିମୁଖୀ । ଏସମସ୍ତ ବିପର୍ଯ୍ୟୟ ଧୃତରଷ୍ଟ୍ରଙ୍କ ଯୋଗୁଁ ସଂଘଟିତ ହେବାକୁ ଯାଉଛି, କାରଣ ସେ ତାଙ୍କର ପୁତ୍ରମାନଙ୍କର ନୀତିକୁ ଅନୁମୋଦନ କରିଛନ୍ତି ଓ ସେମାନଙ୍କୁ ତଦନୁଯାୟୀ ଉତ୍ସାହିତ କରିଛନ୍ତି ।

ସ ଘୋଷୋ ଧାର୍ତରଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।
ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋଽଭ୍ୟନୁନାଦୟନ୍ ॥୧୯॥

ଶବ୍ଦାନୁବାଦ

ସଃ=ତାହା; ଘୋଷଃ=କମ୍ପନ, ଧ୍ୱନି; ଧାର୍ତରଷ୍ଟ୍ରାଣାଂ=ଧୃତରଷ୍ଟ୍ରର ପୁତ୍ରମାନଙ୍କର; ହୃଦୟାନି=ହୃଦୟସବୁ; ବ୍ୟଦାରୟତ୍=ବିଦୀର୍ଣ୍ଣକଲା; ନଭଃ=ଆକାଶ; ଚ=ମଧ୍ୟ; ପୃଥିବୀଂ=

ପୃଥିବୀପୃଷ୍ଠ; ଚ=ମଧ୍ୟ; ଏବ=ନିଶ୍ଚିତଭବେ; ତୁମୁଳଃ=ଭୟଙ୍କର ଧ୍ୱନି; ଅଭ୍ୟନୁନାଦୟନ୍=ପ୍ରତିଧ୍ୱନି କରି ।

ଅନୁବାଦ

ଏ ଶଙ୍ଖମାନଙ୍କର ନାଦ ଅତି ଭୟଙ୍କର ହୋଇଉଠିଲା ଏବଂ ତାହା ଆକାଶ ଓ ପୃଥିବୀ ଉଭୟକୁ ପ୍ରତିଧ୍ୱନିତ କରି ଧୃତରାଷ୍ଟ୍ରର ପୁତ୍ରମାନଙ୍କର ହୃଦୟକୁ ବିଦାରଣ କଲା ।

ଭାବାର୍ଥ

ଯେତେବେଳେ ଭୀଷ୍ମ ଏବଂ ଦୁର୍ଯୋଧନଙ୍କ ପକ୍ଷର ଅନ୍ୟମାନେ ସେମାନଙ୍କର ଶଙ୍ଖନାଦ କରିଥିଲେ, ସେତେବେଳେ ପାଣ୍ଡବମାନଙ୍କର ହୃଦୟ ବିଦୀର୍ଣ୍ଣ ହୋଇ ନ ଥିଲା । ଏ ଘଟଣାର ବର୍ଣ୍ଣନା କରାଯାଇନାହିଁ; କିନ୍ତୁ ଏ ଶ୍ଳୋକରେ ବର୍ଣ୍ଣନା କରାଯାଉଛି ଯେ, ପାଣ୍ଡବମାନଙ୍କ ପକ୍ଷରୁ ଯେଉଁ ଶଙ୍ଖଧ୍ୱନି କରାଗଲା, ତାହା ଧୃତରାଷ୍ଟ୍ରର ପୁତ୍ରମାନଙ୍କର ହୃଦୟକୁ ବିଦୀର୍ଣ୍ଣ କରିପକାଇଲା । ଏହା ପାଣ୍ଡବମାନଙ୍କ ଯୋଗୁଁ ଏବଂ ସେମାନଙ୍କର କୃଷ୍ଣଙ୍କ ଉପରେ ବିଶ୍ୱାସ ଯୋଗୁଁ ସଂଘଟିତ ହେଲା । ଯେ ପରମେଶ୍ୱରଙ୍କର ଶରଣାପନ୍ନ ହୁଏ, ସେ ଯେତେ ବଡ଼ ବିପଦରେ ପଡ଼ିଲେ ସୁଦ୍ଧା କିଛି ଭୟ କରେ ନାହିଁ ବା ବିଚଳିତ ହୁଏ ନାହିଁ ।

ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତରାଷ୍ଟ୍ରାନ୍ କପିଧ୍ୱଜଃ ।
ପ୍ରବୃତ୍ତେ ଶସ୍ତ୍ରସଂପାତେ ଧନୁର୍ ଉଦ୍ୟମ୍ୟ ପାଣ୍ଡବଃ ।
ହୃଷୀକେଶଂ ତଦା ବାକ୍ୟମ୍ ଇଦମ୍ ଆହ ମହୀପତେ ।।୨୦।।

ଶବ୍ଦାନୁବାଦ

ଅଥ=ଏହାପରେ; ବ୍ୟବସ୍ଥିତାନ୍=ବ୍ୟବସ୍ଥିତ ହୋଇ; ଦୃଷ୍ଟ୍ୱା=ଦେଖି, ଧାର୍ତରାଷ୍ଟ୍ରାନ୍=ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; କପିଧ୍ୱଜଃ=ଯାହାଙ୍କର ପତାକାରେ ହନୁମାନଙ୍କର ଛବି ଅଛି; ପ୍ରବୃତ୍ତେ=ଠିକ୍ ଯୁଦ୍ଧରେ ନିଯୁକ୍ତ ହେବା ଉପରେ; ଶସ୍ତ୍ରସଂପାତେ=ଠିକ୍ ଶରବର୍ଷଣ କରିବା ଉପରେ; ଧନୁଃ=ଧନୁ; ଉଦ୍ୟମ୍ୟ=ଉତ୍ତୋଳନ କରି; ପାଣ୍ଡବଃ=ପାଣ୍ଡୁଙ୍କ ପୁତ୍ର (ଅର୍ଜୁନ); ହୃଷୀକେଶଂ=ଭଗବାନ୍ ଶ୍ରୀକୃଷ୍ଣଙ୍କୁ; ତଦା=ସେ ସମୟରେ; ବାକ୍ୟମ୍=କଥା; ଇଦମ୍=ଏହିସବୁ; ଆହ=କହିଲେ; ମହୀପତେ=ହେ ରାଜା ।

ଅନୁବାଦ

ହେ ରାଜା ! ସେ ସମୟରେ ପାଣ୍ଡୁଙ୍କ ପୁତ୍ର ଅର୍ଜୁନ କପିଧ୍ୱଜ (ତାଙ୍କର ରଥର ପତାକାରେ ହନୁମାନଙ୍କର ଛବି ଥିଲା) ରଥରେ ବସି ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କ ଉପରେ ଦୃଷ୍ଟିନିକ୍ଷେପ କରି ତାଙ୍କର ଧନୁ ଉତ୍ତୋଳନ କଲେ ଏବଂ ଶର ବର୍ଷା କରିବାକୁ ପ୍ରସ୍ତୁତ ହେଲେ । ହେ ରାଜା ! ତାପରେ ଅର୍ଜୁନ ନିମ୍ନମତେ ହୃଷୀକେଶ (କୃଷ୍ଣ)ଙ୍କୁ କହିଲେ ।

ଭାବାର୍ଥ

ଯୁଦ୍ଧ ଠିକ୍ ଆରମ୍ଭ ହେବା ଉପରେ । ଉପର୍ଯ୍ୟୁକ୍ତ ବିବରଣୀରୁ ଜଣାଯାଉଛି ଯେ,

ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ପାଣ୍ଡବମାନଙ୍କର ଅପ୍ରତ୍ୟାଶିତ ସୈନ୍ୟସଜ୍ଜା ଦେଖି ପ୍ରାୟ ହତୋତ୍ସାହ ହୋଇପଡ଼ିଲେ । ପାଣ୍ଡବମାନେ ଯୁଦ୍ଧକ୍ଷେତ୍ରରେ ପ୍ରତ୍ୟକ୍ଷଭାବରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ । ଅର୍ଜୁନଙ୍କର ରଥର ପତାକାରେ ହନୁମାନଙ୍କର ଛବି ବିଜୟର ଅନ୍ୟ ଏକ ସୂଚନା ଦେଉଥିଲା, କାରଣ ରାମ-ରାବଣ ଯୁଦ୍ଧରେ ଶ୍ରୀହନୁମାନଜୀ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କୁ ସାହାଯ୍ୟ କରିଥିଲେ ଏବଂ ସେଥିରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ବିଜୟୀ ହୋଇଥିଲେ । ବର୍ତ୍ତମାନ ଉଭୟ ଶ୍ରୀରାମଚନ୍ଦ୍ର ଓ ହନୁମାନ ଅର୍ଜୁନଙ୍କୁ ସାହାଯ୍ୟ କରିବା ନିମିତ୍ତ ଅର୍ଜୁନଙ୍କ ରଥରେ ଉପସ୍ଥିତ । ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ରାମଚନ୍ଦ୍ର ଏବଂ ଯେଉଁଠାରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ଅଛନ୍ତି, ସେଠାରେ ତାଙ୍କର ଶାଶ୍ୱତ ସେବକ ହନୁମାନଜୀ ଓ ପତ୍ନୀ ସୀତାଦେବୀ (ଲକ୍ଷ୍ମୀଦେବୀ) ବିଦ୍ୟମାନ; ତେଣୁ ଅର୍ଜୁନଙ୍କ ପକ୍ଷରେ ଶତ୍ରୁମାନଙ୍କୁ ଭୟ କରିବାର କୌଣସି କାରଣ ନ ଥିଲା । ସର୍ବୋପରି ହୃଷୀକେଶ (ଅର୍ଥାତ୍ ଇନ୍ଦ୍ରିୟମାନଙ୍କର ପ୍ରଭୁ) ଶ୍ରୀକୃଷ୍ଣ ତାଙ୍କୁ ନିର୍ଦ୍ଦେଶ ଦେବା ନିମିତ୍ତ ସେଠାରେ ଉପସ୍ଥିତ ଥିଲେ । ଏହିପରି ଯୁଦ୍ଧ ପରିଚାଳନା କରିବା ନିମିତ୍ତ ଅର୍ଜୁନଙ୍କୁ ସବୁପ୍ରକାର ସଦୁପଦେଶ ମିଳୁଥିଲା । ଭଗବାନ୍ ତାଙ୍କର ଶାଶ୍ୱତ ଭକ୍ତଙ୍କ ନିମିତ୍ତ ଏସବୁ ସୁବ୍ୟବସ୍ଥା କରିଥିଲେ । ଏଥିରୁ ବିଜୟର ସୁସ୍ପଷ୍ଟ ସଙ୍କେତ ପ୍ରକାଶ ପାଉଥିଲା ।

ଅର୍ଜୁନ ଉବାଚ

ସେନୟୋର୍ ଉଭୟୋର୍ ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ॥୨୧॥

ଯାବଦ୍ ଏତାନ୍ ନିରୀକ୍ଷେଽହଂ ଯୋଦ୍ଧୁକାମାନ୍ ଅବସ୍ଥିତାନ୍ ।
କୈର୍‌ମୟା ସହ ଯୋଦ୍ଧବ୍ୟମ୍ ଅସ୍ମିନ୍‌ରଣ-ସମୁଦ୍ୟମେ ॥୨୨॥

ଶବ୍ଦାନୁବାଦ

ଅର୍ଜୁନଃ=ଅର୍ଜୁନ; ଉବାଚ=କହିଲେ; ସେନୟୋଃ=ସେନାର; ଉଭୟୋଃ=ଦୁଇପକ୍ଷର; ମଧ୍ୟେ=ମଧ୍ୟରେ; ରଥଂ=ରଥ; ସ୍ଥାପୟ=ଦୟାକରି ରଖନ୍ତୁ; ମେ=ମୋର; ଅଚ୍ୟୁତ=ହେ ଅଚ୍ୟୁତ; ଯାବତ୍=ଯେପର୍ଯ୍ୟନ୍ତ; ଏତାନ୍=ଏସବୁ; ନିରୀକ୍ଷେ=ମୁଁ ଦେଖିବି; ଅହଂ=ମୁଁ ; ଯୋଦ୍ଧୁକାମାନ୍=ଯୁଦ୍ଧ କରିବାକୁ ଇଚ୍ଛୁକ; ଅବସ୍ଥିତାନ୍=ଯୁଦ୍ଧକ୍ଷେତ୍ରରେ ସଜ୍ଜିତ ହୋଇ ରହିଛନ୍ତି; କୈଃ=କେଉଁମାନଙ୍କ ସହିତ; ମୟା=ମୋ ଦ୍ୱାରା; ସହ=ସହିତ; ଯୋଦ୍ଧବ୍ୟମ୍=ଯୁଦ୍ଧ କରିବାକୁ ହେବ; ଅସ୍ମିନ୍=ଏହି; ରଣ=ଯୁଦ୍ଧ; ସମୁଦ୍ୟମେ=ପ୍ରଚେଷ୍ଟାରେ ।

ଅନୁବାଦ

ଅର୍ଜୁନ କହିଲେ, "ହେ ଅଚ୍ୟୁତ ! ଦୟାକରି ମୋ ରଥକୁ ଦୁଇସେନାଙ୍କ ମଧ୍ୟରେ ରଖନ୍ତୁ, ତାହାହେଲେ ମୁଁ ଦେଖିପାରିବି କେଉଁମାନେ ଏଠାରେ ଅଛନ୍ତି, କେଉଁମାନେ ଯୁଦ୍ଧ କରିବାକୁ ଇଚ୍ଛୁକ ଏବଂ ଏ ବିରାଟ ଯୁଦ୍ଧ ପ୍ରଚେଷ୍ଟାରେ କେଉଁମାନଙ୍କ ସହ ମୋତେ ଯୁଦ୍ଧ କରିବାକୁ ହେବ ।

ଭାବାର୍ଥ

ଯଦିଓ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍, ତଥାପି ତାଙ୍କର ଅହୈତୁକୀ କୃପା ହେତୁ ସେ ତାଙ୍କର ବନ୍ଧୁଙ୍କ ସେବାରେ ନିଯୁକ୍ତ ହୋଇଛନ୍ତି । ସେ ତାଙ୍କର ଭକ୍ତମାନଙ୍କୁ ସ୍ନେହ ପ୍ରଦର୍ଶନ କରିବାରେ କେବେହେଲେ ଅବହେଳା କରନ୍ତି ନାହିଁ ଏବଂ ସେଥିପାଇଁ ତାଙ୍କୁ ଏଠାରେ ଅଚ୍ୟୁତ ବୋଲି ସମ୍ବୋଧନ କରାଯାଇଛି । ସାରଥି ହିସାବରେ ତାଙ୍କୁ ଅର୍ଜୁନଙ୍କ ଆଦେଶ ପାଳନ କରିବାକୁ ହେବ ଏବଂ ଯେଣୁ ସେ ତାହା ପାଳନ କରିବାକୁ ଦ୍ୱିଧା ବୋଧ କଲେ ନାହିଁ, ତେଣୁ ତାଙ୍କୁ ଏଠାରେ 'ଅଚ୍ୟୁତ' ବୋଲି ସମ୍ବୋଧନ କରାଯାଇଅଛି । ଯଦିଓ ସେ ତାଙ୍କର ଭକ୍ତଙ୍କ ପାଇଁ ସାରଥିପଦ ଗ୍ରହଣ କରିଛନ୍ତି; ତଥାପି ଏତଦ୍ୱାରା ତାଙ୍କର ପରମ ସ୍ଥିତି ହ୍ରାସ ପାଉନାହିଁ । ପ୍ରତ୍ୟେକ ଅବସ୍ଥାରେ ସେ ପରମ-ପୁରୁଷ ଭଗବାନ୍—ସେ ହୃଷୀକେଶ—ଇନ୍ଦ୍ରିୟମାନଙ୍କର ପ୍ରଭୁ । ଭଗବାନ୍ ଏବଂ ତାଙ୍କ ସେବକଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଅତ୍ୟନ୍ତ ମଧୁର ଓ ଦିବ୍ୟ ଅଟେ । ସେବକ ସର୍ବଦା ଭଗବାନ୍‌ଙ୍କ ସେବା କରିବା ନିମିତ୍ତ ପ୍ରସ୍ତୁତ ଏବଂ ଠିକ୍ ସେହିପରି ଭଗବାନ୍ ସୁଯୋଗ ଖୋଜୁଥା'ନ୍ତି, କିପରି ଭକ୍ତର ସେବା କରିବେ । ତାଙ୍କର ଜଣେ ଶୁଦ୍ଧଭକ୍ତ ଯଦି ତାଙ୍କୁ କିଛି ଆଦେଶ ଦିଏ କିମ୍ବା ଆଦେଶ ଦେବା ଅବସ୍ଥାରେ ରହିଛି, ତାହାହେଲେ ସେ ଏଥିରେ ବଡ଼ ଖୁସି ହୁଅନ୍ତି । ସେ ନିଜକୁ ଆଦେଶ ଦେବା ଅବସ୍ଥାରେ ନ ରଖି ତାଙ୍କର ଏକ ଶୁଦ୍ଧଭକ୍ତଙ୍କୁ ସେ ଅବସ୍ଥାରେ ରଖିବାରେ ସେ ଅଧିକ ଖୁସି ହୁଅନ୍ତି । ପରମପ୍ରଭୁ ହିସାବରେ ପ୍ରତ୍ୟେକେ ତାଙ୍କର ଅଧୀନ (ତାଙ୍କର ଆଦେଶାଧୀନ); କେହି ତାଙ୍କ ଉପରେ (ତାଙ୍କୁ) ଆଦେଶ ଦେବାକୁ ନାହାନ୍ତି । ଯଦିଓ ସେ ପ୍ରତ୍ୟେକ ପରିସ୍ଥିତିରେ ଅଚ୍ୟୁତ ଅଟନ୍ତି, ପରମପ୍ରଭୁ ଅଟନ୍ତି; ତଥାପି ଯେତେବେଳେ ସେ ଦେଖନ୍ତି ଯେ ତାଙ୍କର ଜଣେ ଶୁଦ୍ଧଭକ୍ତ ତାଙ୍କୁ ଆଦେଶ ଦେଉଛି, ସେତେବେଳେ ସେ ଦିବ୍ୟ ଆନନ୍ଦ ଲାଭ କରନ୍ତି ।

ଭଗବାନ୍‌ଙ୍କର ଏକ ଶୁଦ୍ଧଭକ୍ତ ହିସାବରେ ଅର୍ଜୁନଙ୍କର ଭାଇମାନଙ୍କ ସହ ଯୁଦ୍ଧ କରିବାର ଅଭିଳାଷ ନ ଥିଲା; କିନ୍ତୁ ଦୁର୍ଯ୍ୟୋଧନଙ୍କର ଅବାଧ୍ୟତା ଯୋଗୁଁ ସେ ଯୁଦ୍ଧକ୍ଷେତ୍ରକୁ ଆସିବାକୁ ବାଧ୍ୟହେଲେ, କାରଣ ଦୁର୍ଯ୍ୟୋଧନ କୌଣସି ପ୍ରକାର ଶାନ୍ତିପୂର୍ଣ୍ଣ ପ୍ରସ୍ତାବରେ ରାଜି ହେଲେ ନାହିଁ; ତେଣୁ ଅର୍ଜୁନ ଦେଖିବାକୁ ଖୁବ୍ ଆଗ୍ରହୀ ହୋଇ-ଉଠିଥିଲେ, କେଉଁମାନେ ଅପରପାର୍ଶ୍ୱରେ ଯୁଦ୍ଧରେ ନେତୃତ୍ୱ ନେଉଛନ୍ତି । ଯଦିଓ ସେ ଯୁଦ୍ଧକ୍ଷେତ୍ରରେ କୌଣସି ପ୍ରକାର ଶାନ୍ତିପୂର୍ଣ୍ଣ ପ୍ରଚେଷ୍ଟା ନ ଥିଲା, ତଥାପି ସେ ସେମାନଙ୍କୁ ଆଉଥରେ ଦେଖିବାକୁ ଇଚ୍ଛା କଲେ ଏବଂ ବିଶେଷକରି ସେ ଦେଖିବାକୁ ଇଚ୍ଛା କଲେ ଯେ, କେତେଦୂର ସେମାନେ ଏକ ଅନାପ୍ସିତ ଯୁଦ୍ଧ କରିବା ପାଇଁ ଆଗଭର ହୋଇଛନ୍ତି ।

ଯୋତ୍ସ୍ୟମାନାନ୍ ଅବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥୨୩॥

ଶବ୍ଦାନୁବାଦ

ଯୋତ୍ସ୍ୟମାନାନ୍=ଯେଉଁମାନେ ଯୁଦ୍ଧ କରିବାକୁ ଇଚ୍ଛୁକ; ଅବେକ୍ଷେ=ମୋତେ

ଦେଖିବାକୁ ଦିଅନ୍ତୁ; ଅହଂ=ମୁଁ; ଯେ ଏତେ=ଯେଉଁମାନେ; ଅତ୍ର=ଏଠାରେ; ସମାଗତାଃ= ସମବେତ ହୋଇଛନ୍ତି; ଧାର୍ତରାଷ୍ଟ୍ରସ୍ୟ=ଧୃତରାଷ୍ଟ୍ରଙ୍କ ପୁତ୍ର; ଦୁର୍ବୁଦ୍ଧେ=ଦୁର୍ବୁଦ୍ଧି; ଯୁଦ୍ଧେ= ଯୁଦ୍ଧରେ; ପ୍ରିୟ=ଶୁଭ; ଚିକୀର୍ଷବଃ=ଆକାଙ୍‌କ୍ଷା ।

ଅନୁବାଦ

କେଉଁମାନେ ଦୁର୍ବୁଦ୍ଧି ଧୃତରାଷ୍ଟ୍ରଙ୍କ ପୁତ୍ରଙ୍କର ଶୁଭକାଙ୍‌କ୍ଷୀ ସାଜି ଏଠାକୁ ଯୁଦ୍ଧ କରିବାକୁ ଆସିଛନ୍ତି, ସେମାନଙ୍କୁ ମୋତେ ଦେଖିବାକୁ ଦିଅନ୍ତୁ ।

ଭାବାର୍ଥ

ଏହା ଏକ ଉନ୍ମୁକ୍ତ ରହସ୍ୟ ଯେ, ଦୁର୍ଯୋଧନ ତା'ର ପିତା ଧୃତରାଷ୍ଟ୍ରଙ୍କ ସହ କୁପରାମର୍ଶ କରି ପାଣ୍ଡବମାନଙ୍କର ରାଜ୍ୟକୁ ଜବରଦସ୍ତି ଦଖଲ କରିବାକୁ ଇଚ୍ଛା କରୁଥିଲା; ତେଣୁ ଯେଉଁମାନେ ଦୁର୍ଯୋଧନଙ୍କ ପକ୍ଷରେ ଯୋଗ ଦେଇଥିଲେ, ସେମାନେ ନିଶ୍ଚୟ ସମସ୍ତେ ଏକପ୍ରକୃତିବିଶିଷ୍ଟ ହୋଇଥିବେ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସେମାନଙ୍କୁ ଦେଖି ସେମାନେ ସବୁ କିଏ ଜାଣିବା ପାଇଁ ଅର୍ଜୁନ ଇଚ୍ଛା କଲେ; କିନ୍ତୁ ସେମାନଙ୍କ ସହ ସନ୍ଧି ପ୍ରସ୍ତାବ କରିବାର ଇଚ୍ଛା ତାଙ୍କର ନ ଥିଲା । ତାଙ୍କର ଦେଖିବାର ଉଦ୍ଦେଶ୍ୟ ହେଲା ଯେ, ଅପରପକ୍ଷକୁ ଦେଖି ମନେ ମନେ ଟିକିଏ କଳନା କରିନେବେ, ସେମାନଙ୍କର ବଳ କେତେ । ଯଦିଓ ସେ ଏକଥା ଭଲରକମ ଜାଣିଥିଲେ ଯେ ତାଙ୍କ ପକ୍ଷର ବିଜୟ ସୁନିଶ୍ଚିତ, କାରଣ କୃଷ୍ଣ ତାଙ୍କ ପାଖରେ ଅଛନ୍ତି, ତଥାପି ସେ ଯୁଦ୍ଧକ୍ଷେତ୍ରରେ ଅପରପକ୍ଷର ସୈନ୍ୟବଳ କଳନା କରିବାକୁ ଇଚ୍ଛା କଲେ ।

ସଞ୍ଜୟ ଉବାଚ

ଏବମ୍ ଉକ୍ତୋ ହୃଷୀକେଶୋ ଗୁଡ଼ାକେଶେନ ଭାରତ ।
ସେନୟୋର୍ ଉଭୟୋର୍ ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥୨୪॥

ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଏବମ୍=ଏହିପରି; ଉକ୍ତଃ=କହିଲେ; ହୃଷୀକେଶ=ଭଗବାନ୍ **ଶ୍ରୀକୃଷ୍ଣ; ଗୁଡ଼ାକେଶେନ=ଅର୍ଜୁନଙ୍କଦ୍ୱାରା;** ଭାରତ=ହେ ଭରତ-ବଂଶଜ; ସେନୟୋଃ=ସେନାମାନଙ୍କର; ଉଭୟୋଃ=ଉଭୟର; ମଧ୍ୟେ=ମଧ୍ୟରେ; ସ୍ଥାପୟିତ୍ୱା=ସ୍ଥାପନ କରି; ରଥୋତ୍ତମମ୍=ଉତ୍ତମ ରଥ (ସୁନ୍ଦର ରଥ) ।

ଅନୁବାଦ

ସଞ୍ଜୟ କହିଲେ, ''ହେ ଭରତବଂଶଜ ! ଏହିପରି ଅର୍ଜୁନଙ୍କ ଦ୍ୱାରା ସମ୍ବୋଧିତ ହୋଇ ଭଗବାନ୍ ଶ୍ରୀକୃଷ୍ଣ ଉଭୟ ସେନା ମଧ୍ୟରେ ସୁନ୍ଦର ରଥକୁ ସ୍ଥାପନ କଲେ ।

ଭାବାର୍ଥ

ଏ ଶ୍ଳୋକରେ ଅର୍ଜୁନଙ୍କୁ "ଗୁଡ଼ାକେଶ" ବୋଲି କୁହାଯାଇଛି । 'ଗୁଡ଼ାକ' ଶବ୍ଦର ଅର୍ଥ ହେଲା ନିଦ୍ରା । ଯେ ନିଦ୍ରାକୁ ଜୟ କରିଥାଏ, ତାକୁ ଗୁଡ଼ାକେଶ କୁହାଯାଏ ।

'ନିଦ୍ରା' କହିଲେ ମଧ୍ୟ ଅଜ୍ଞାନତାକୁ ବୁଝାଏ; ତେଣୁ ଅର୍ଜୁନ ଉଭୟ ନିଦ୍ରା ଓ ଅଜ୍ଞାନତାକୁ ଜୟ କରିଥିଲେ । ସେ କୃଷ୍ଣଙ୍କର ସଖା (ବା ବନ୍ଧୁ) ହୋଇଥିବାରୁ ଏ ଦୁଇଟିକୁ ଜୟ କରିପାରିଥିଲେ । ସେ କୃଷ୍ଣଙ୍କର ଜଣେ ବଡ଼ ଭକ୍ତ ହୋଇଥିବାରୁ ସେ ଗୋଟିଏ ମୁହୂର୍ତ୍ତକ ପାଇଁ ସୁଦ୍ଧା କୃଷ୍ଣଙ୍କୁ ଭୁଲିପାରୁ ନ ଥିଲେ, ତାହା ହେଉଛି ଏକ ଭକ୍ତର ଲକ୍ଷଣ । ଜାଗ୍ରତ ଅବସ୍ଥାରେ ହେଉ ବା ନିଦ୍ରିତ ଅବସ୍ଥାରେ ହେଉ, ଭକ୍ତ କେବେହେଲେ କୃଷ୍ଣଙ୍କର ନାମ, ରୂପ, ଗୁଣ ଏବଂ ଲୀଳାକୁ ଭୁଲିପାରିବ ନାହିଁ । ଏହିପରି କୃଷ୍ଣଙ୍କର ଜଣେ ଭକ୍ତ କେବଳ ସର୍ବଦା କୃଷ୍ଣଙ୍କୁ ଚିନ୍ତାକରି ଉଭୟ, ନିଦ୍ରା ଓ ଅଜ୍ଞାନତାକୁ ଜୟ କରିପାରେ । ଏହାକୁ 'କୃଷ୍ଣଚେତନା' ବା 'ସମାଧି' କୁହାଯାଏ । କୃଷ୍ଣ ହେଉଛନ୍ତି 'ହୃଷୀକେଶ' ଅର୍ଥାତ୍ ସେ ସମସ୍ତ ଜୀବଙ୍କର ମନ ଓ ଇନ୍ଦ୍ରିୟମାନଙ୍କର ନିୟନ୍ତ୍ରଣକାରୀ ଅଟନ୍ତି; ତେଣୁ କୃଷ୍ଣ ଜାଣି-ପାରିଥିଲେ ଅର୍ଜୁନ କାହିଁକି ଦୁଇସେନା ମଧ୍ୟରେ ତାଙ୍କ ରଥକୁ ସ୍ଥାପନ କରଉଛନ୍ତି । ଏହିପରି ସେ କଲେ ଏବଂ ନିମ୍ନମତେ କହିଲେ ।

ଭୀଷ୍ମ-ଦ୍ରୋଣ-ପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।
ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୁନ୍ ଇତ ॥୨୫॥

ଶବ୍ଦାନୁବାଦ

ଭୀଷ୍ମ=ପିତାମହ ଭୀଷ୍ମ; ଦ୍ରୋଣ=ଗୁରୁ ଦ୍ରୋଣ, ପ୍ରମୁଖତଃ=ସମ୍ମୁଖରେ; ସର୍ବେଷାଂ=ସମସ୍ତେ; ଚ=ମଧ୍ୟ; ମହୀକ୍ଷିତାମ୍=ପୃଥିବୀର ମୁଖ୍ୟ ବ୍ୟକ୍ତିଗଣ; ଉବାଚ= କହିଲେ; ପାର୍ଥ=ହେ ପାର୍ଥ (ହେ ପୃଥା ପୁତ୍ର); ପଶ୍ୟ;=ଦେଖ; ଏତାନ୍=ଏମାନଙ୍କୁ; ସମବେତାନ୍=ସମବେତ; କୁରୁନ୍=କୁରୁବଂଶର ସମସ୍ତ ଲୋକ; ଇତି=ଏହିପରି ।

ଅନୁବାଦ

ଭୀଷ୍ମ, ଦ୍ରୋଣ ଏବଂ ପୃଥିବୀର ଅନ୍ୟ ମୁଖ୍ୟ ବ୍ୟକ୍ତିମାନଙ୍କ ସମ୍ମୁଖରେ ଭଗବାନ୍ ହୃଷୀକେଶ କହିଲେ, "ହେ ପାର୍ଥ, ଏଠାରେ ଏକତ୍ର ହୋଇଥିବା ସମସ୍ତ କୁରୁବଂଶର ଲୋକଙ୍କୁ ଦେଖ ।"

ଭାବାର୍ଥ

ଜୀବମାନଙ୍କର ପରମାତ୍ମାରୂପେ ସମସ୍ତଙ୍କ ହୃଦୟରେ ଥିବାରୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କର ମନକଥାକୁ ବୁଝିପାରିଲେ । ଏଠାରେ 'ହୃଷୀକେଶ' ଶବ୍ଦର ବ୍ୟବହାରରୁ ଜଣାଯାଉଛି ଯେ, ସେ ସବୁ ଜାଣିଥିଲେ । ପୁନଶ୍ଚ ଏଠାରେ ଅର୍ଜୁନଙ୍କୁ ପାର୍ଥ ଅର୍ଥାତ୍ ପୃଥା (କୁନ୍ତୀ) ପୁତ୍ର ବୋଲି କୁହାଯାଇଛି । ଏହା ମଧ୍ୟ ଏଠାରେ ଅତ୍ୟନ୍ତ ଅର୍ଥପୂର୍ଣ୍ଣ । ବନ୍ଧୁ ବା ସଖା ହିସାବରେ ସେ ଅର୍ଜୁନଙ୍କୁ ଜଣାଇ ଦେବାକୁ ଇଚ୍ଛା କଲେ ଯେ, ଯେଣୁ ଅର୍ଜୁନ ହେଉଛନ୍ତି ପୃଥାଙ୍କର ପୁତ୍ର (ଯେ କି ତାଙ୍କ ପିତା ବସୁଦେବଙ୍କ ଭଉଣୀ), ସେଇଥିପାଇଁ ସେ ଅର୍ଜୁନଙ୍କର ସାରଥି ହେବାକୁ ରାଜି ହୋଇଛନ୍ତି । ବର୍ତ୍ତମାନ କୃଷ୍ଣ ଅର୍ଜୁନଙ୍କୁ କହିଲେ, କୁରୁବଂଶର ଲୋକଙ୍କୁ ଦେଖ, ଏହାର ଅର୍ଥ କ'ଣ ? କୃଷ୍ଣଙ୍କର ଏପରି

କରିବାର ଉଦ୍ଦେଶ୍ୟ କ'ଣ ? ଅର୍ଜୁନ କ'ଣ ଇଚ୍ଛା କଲେ ଯେ, ସେ ଆଉ ଯୁଦ୍ଧ ନ କରି ବନ୍ଦ ହୋଇ ରହିବେ ? ତାଙ୍କର ପିଉସୀ ପୃଥାଙ୍କର ପୁତ୍ର ଅର୍ଜୁନଙ୍କଠାରୁ କୃଷ୍ଣ କେବେ-ହେଲେ ଏପରି ଆଶା କରି ନ ଥିଲେ । ବଡ଼ ବନ୍ଧୁ ଭାବରେ ହସି ହସି ଭଗବାନ୍ ଅର୍ଜୁନଙ୍କ ମନକଥାଟା ଖୋଲିକରି କହିଦେଲେ ।

ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୄନ୍ ଅଥ ପିତାମହାନ୍ ।
ଆଚାର୍ଯ୍ୟାନ୍ ମାତୁଳାନ୍ ଭ୍ରାତୄନ୍ ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ।
ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋର୍ ଉଭୟୋର୍ ଅପି ।।୨୬।।

ଶବ୍ଦାନୁବାଦ

ତତ୍ର=ସେଠାରେ; ଅପଶ୍ୟତ୍=ସେ ଦେଖିପାରିଲେ; ସ୍ଥିତାନ୍=ଠିଆହୋଇଛନ୍ତି; ପାର୍ଥଃ=ଅର୍ଜୁନ; ପିତୄନ୍=ପିତୃପୁରୁଷଙ୍କୁ; ଅଥ=ମଧ୍ୟ; ପିତାମହାନ୍=ପିତାମହଙ୍କୁ; ଆଚାର୍ଯ୍ୟାନ୍=ଆଚାର୍ଯ୍ୟମାନଙ୍କୁ; ମାତୁଳାନ୍=ମାମୁଁମାନଙ୍କୁ; ଭ୍ରାତୄନ୍=ଭାଇମାନଙ୍କୁ; ପୁତ୍ରାନ୍=ପୁଅମାନଙ୍କୁ; ପୌତ୍ରାନ୍=ନାତିମାନଙ୍କୁ; ସଖୀନ୍=ବନ୍ଧୁମାନଙ୍କୁ; ତଥା=ତଥା; ଶ୍ୱଶୁରାନ୍=ଶ୍ୱଶୁରମାନଙ୍କୁ; ସୁହୃଦଃ=ସୁହୃଦମାନଙ୍କୁ (ଶୁଭକାଙ୍‌କ୍ଷୀ ବନ୍ଧୁଗଣଙ୍କୁ) ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ସେନୟୋଃ=ସେନାମାନଙ୍କର; ଉଭୟୋଃ=ଦୁଇ ପକ୍ଷର; ଅପି=ସମେତ ।

ଅନୁବାଦ

ଦୁଇପକ୍ଷର ସେନା ମଧ୍ୟରେ ଅର୍ଜୁନ ଦେଖିପାରିଲେ ଯେ, ତାଙ୍କର ପିତା; ପିତାମହଗଣ, ଆଚାର୍ଯ୍ୟ, ମାମୁଁ, ଭାଇ, ପୁଅ, ନାତି, ବନ୍ଧୁଗଣ ଏବଂ ଶ୍ୱଶୁର ଓ ଶୁଭ-କାଙ୍‌କ୍ଷୀଗଣ—ସମସ୍ତେ ଉପସ୍ଥିତ ଅଛନ୍ତି ।

ଭାବାର୍ଥ

ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ତାଙ୍କର ସମସ୍ତ ବନ୍ଧୁବାନ୍ଧବଙ୍କୁ ଦେଖିପାରିଲେ । ସେ ଦେଖିପାରିଲେ ଯେ ସେଠାରେ ଭୂରିଶ୍ରବାଙ୍କପରି ପିତୃତୁଲ୍ୟ ବ୍ୟକ୍ତିଗଣ ଅଛନ୍ତି, ଭୀଷ୍ମ ଓ ସୋମଦତ୍ତଙ୍କପରି ପିତାମହଗଣ ଅଛନ୍ତି, ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟଙ୍କ ପରି ଗୁରୁମାନେ ଅଛନ୍ତି, ଶଲ୍ୟ ଓ ଶକୁନିଙ୍କପରି ମାମୁଁମାନେ ଅଛନ୍ତି, ଦୁର୍ଯ୍ୟୋଧନଙ୍କପରି ଭାଇମାନେ ଅଛନ୍ତି, ଲକ୍ଷ୍ମଣଙ୍କପରି ପୁତ୍ରମାନେ ଅଛନ୍ତି, ଅଶ୍ୱତ୍‌ଥାମାଙ୍କପରି ବନ୍ଧୁମାନେ ଅଛନ୍ତି ଏବଂ କୃତବର୍ମାଙ୍କ ପରି ଶୁଭକାଙ୍‌କ୍ଷୀ ବନ୍ଧୁମାନେ ଅଛନ୍ତି । ସେ ମଧ୍ୟ ଦେଖିପାରିଲେ ଯେ ସେମାନଙ୍କ ମଧ୍ୟରେ ତାଙ୍କର ଅନେକ ବନ୍ଧୁ ଅଛନ୍ତି ।

ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନ୍ ଅବସ୍ଥିତାନ୍ ।
କୃପୟା ପରୟାବିଷ୍ଟୋ ବିଷୀଦନ୍ନ ଇଦମ୍ ଅବ୍ରବୀତ୍ ।।୨୭।।

ଶବ୍ଦାନୁବାଦ

ତାନ୍=ସେମାନଙ୍କୁ; ସମୀକ୍ଷ୍ୟ=ଉତ୍ତମ ଭାବରେ ଦେଖି; ସଃ=ସେ; କୌନ୍ତେୟଃ=

କୁନ୍ତିପୁତ୍ର; ସର୍ବାନ୍=ସମସ୍ତଙ୍କୁ; ବନ୍ଧୂନ୍=ବନ୍ଧୁମାନଙ୍କୁ; ଅବସ୍ଥିତାନ୍=ଅବସ୍ଥିତ; କୃପୟା=ଦୟା ଯୋଗୁଁ; ପରୟା=ଉଚ୍ଚତରର; ଆବିଷ୍ଟଃ=ବିଚଳିତ ହୋଇ; ବିଷୀଦନ୍=ଦୁଃଖ ପ୍ରକାଶକରି; ଇଦମ୍=ଏହିପରି; ଅବ୍ରବୀତ୍=କହିଲେ ।

ଅନୁବାଦ

ଯେତେବେଳେ କୁନ୍ତିପୁତ୍ର ଅର୍ଜୁନ ତାଙ୍କର ବିଭିନ୍ନ ପ୍ରକାର ଭାଇ-ବନ୍ଧୁ-କୁଟୁମ୍ବ-ଆତ୍ମୀୟ-ସ୍ୱଜନମାନଙ୍କୁ ଦେଖିଲେ, ସେ ଦୟାରେ ବିଗଳିତ ହୋଇଗଲେ ଏବଂ ନିମ୍ନମତେ କହିଲେ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁଯୁତ୍ସୁଂ ସମୁପସ୍ଥିତମ୍ ।
ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ॥୨୮॥

ଶବ୍ଦାନୁବାଦ

ଅର୍ଜୁନଃ=ଅର୍ଜୁନ; ଉବାଚ=କହିଲେ; ଦୃଷ୍ଟ୍ୱା=ଦେଖି; ଇମଂ=ଏହାଙ୍କୁ; ସ୍ୱଜନଂ=ଆତ୍ମୀୟସ୍ୱଜନଙ୍କୁ; କୃଷ୍ଣ=ହେ କୃଷ୍ଣ; ଯୁଯୁତ୍ସୁଂ=ସମସ୍ତେ ଯୁଦ୍ଧ କରିବା ମନୋବୃତ୍ତିରେ; ସମୁପସ୍ଥିତମ୍=ସମସ୍ତେ ଉପସ୍ଥିତ; ସୀଦନ୍ତି=ଥରୁଛି; ମମ=ମୋର; ଗାତ୍ରାଣି=ଶରୀରର ଅଙ୍ଗପ୍ରତ୍ୟଙ୍ଗ; ମୁଖଂ=ମୁଖ; ଚ=ମଧ୍ୟ; ପରିଶୁଷ୍ୟତି=ଶୁଖିଯାଉଛି ।

ଅନୁବାଦ

ଅର୍ଜୁନ କହିଲେ, "ହେ ପ୍ରିୟ କୃଷ୍ଣ ! ମୋର ଆତ୍ମୀୟସ୍ୱଜନ ଓ ବନ୍ଧୁଗଣଙ୍କୁ ଯୁଦ୍ଧ କରିବା ମନୋବୃତ୍ତିରେ ଥିବାର ଦେଖି ମୋର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଥରିଉଠୁଛି ଏବଂ ମୁହଁ ଶୁଖିଯାଉଛି ।

ଭାବାର୍ଥ

ଯେଉଁଲୋକର ଭଗବାନ୍‌ଙ୍କ ପ୍ରତି ଭକ୍ତି ଅଛି, ତା'ଠାରେ ସମସ୍ତ ଦୈବୀସମ୍ପଦ ବା ଦେବଗୁଣ ଦେଖିବାକୁ ମିଳେ । (ଦେବତାମାନଙ୍କଠାରେ ଯେଉଁସବୁ ଗୁଣ ଦେଖିବାକୁ ମିଳେ, ଭଗବାନ୍‌ଙ୍କର ଭକ୍ତଠାରେ ସେସବୁ ଗୁଣ ଦେଖିବାକୁ ମିଳେ) । କିନ୍ତୁ ଯେ ଭକ୍ତ ନୁହେଁ (ଅର୍ଥାତ୍ ଅଭକ୍ତ), ସେ ଭୌତିକତା ଦିଗରେ ଶିକ୍ଷା-ସଭ୍ୟତା ଆଦିରେ ଯେତେ ଉନ୍ନତ ହେଲେ ବି ତା'ଠାରେ ଦେବଗୁଣ ନ ଥାଏ; ତେଣୁ ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ନିଜର ଭାଇ-ବନ୍ଧୁ-କୁଟୁମ୍ବ ଓ ଆତ୍ମୀୟସ୍ୱଜନମାନଙ୍କୁ ଦେଖି ଅର୍ଥାତ୍ ଅପରପକ୍ଷରେ ଯେ ଯୁଦ୍ଧ କରିବାକୁ ଆସି ଦଣ୍ଡାୟମାନ ହୋଇଛନ୍ତି, ଏହା ଦେଖି ସେ ଦୟାର୍ଦ୍ର ହୃଦୟ ହୋଇଗଲେ । ପ୍ରାରମ୍ଭରୁ ତ ସେ ନିଜପକ୍ଷର ସୈନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇଉଠିଥିଲେ; କିନ୍ତୁ ବର୍ତ୍ତମାନ ସେ ଅପରପକ୍ଷର ସୈନ୍ୟମାନଙ୍କୁ ଦେଖି ଏବଂ ସେମାନଙ୍କର ଆଶୁ ମୃତ୍ୟୁ କଥା ଚିନ୍ତାକରି ବଡ଼ ଦୟାର୍ଦ୍ର ହୃଦୟ ହୋଇଗଲେ । ସେମାନଙ୍କ କଥା ଭାବି ତାଙ୍କର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଥରିଉଠିଲା ଏବଂ ମୁଖ ଶୁଷ୍କ ହୋଇଗଲା । ସେ ସେମାନଙ୍କର ଯୁଦ୍ଧ କରିବା ମନୋବୃତ୍ତିକୁ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ବାସ୍ତବ ପକ୍ଷରେ

ଅର୍ଜୁନଙ୍କର ଯେଉଁମାନେ ରକ୍ତସମ୍ପର୍କ, ଅର୍ଥାତ୍ ଅତି ଆପଣାର ଲୋକ, ସେମାନେ ସମସ୍ତେ ତାଙ୍କ ସହିତ ଯୁଦ୍ଧ କରିବାକୁ ଆସିଛନ୍ତି । ଅର୍ଜୁନଙ୍କପରି ଏକ ଭକ୍ତ ଏହା ଦେଖି ଅତ୍ୟନ୍ତ ବିଚଳିତ ହୋଇପଡ଼ିଲେ । ଯଦିଓ ଏକଥା ଏଠାରେ ବର୍ଣ୍ଣନା କରାଯାଇନାହିଁ, ତଥାପି ବ୍ୟକ୍ତି ଖୁବ୍ ସହଜରେ ଭାବିପାରିବ ଯେ, କେବଳ ଯେ ଅର୍ଜୁନଙ୍କର ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ ଥରିଉଠିଲା ଏବଂ ମୁଖ ଶୁଷ୍କ ହୋଇଗଲା, ସେତିକି ନୁହେଁ; ସେ ଆତ୍ମୀୟସ୍ୱଜନଙ୍କୁ ଦେଖି ଦୟାର୍ଦ୍ର ହୃଦୟ ହୋଇ ସେମାନଙ୍କ ପାଇଁ କାନ୍ଦି ଉଠୁଥିଲେ । ଦୁର୍ବଳତା ଯୋଗୁଁ ଯେ ଅର୍ଜୁନଙ୍କଠାରେ ଏପ୍ରକାର ଲକ୍ଷଣ ପ୍ରକାଶ ପାଉଥିଲା, ତାହା ନୁହେଁ; ତାଙ୍କର ହୃଦୟର କୋମଳତା ଯୋଗୁଁ ଏପରି ଲକ୍ଷଣ ସବୁ ପ୍ରକାଶ ପାଉଥିଲା । ଏହା ହେଉଛି ଭଗବାନ୍‌ଙ୍କର ଏକ ଶୁଦ୍ଧଭକ୍ତର ଲକ୍ଷଣ; ତେଣୁ କୁହାଯାଇଛି—

ଯସ୍ୟାସ୍ତି ଭକ୍ତିର୍ ଭଗବତି ଅକିଞ୍ଚନା
ସର୍ବୈର୍ ଗୁଣୈସ୍ ତତ୍ର ସମାସତେ ସୁରାଃ ।
ହରାବଭକ୍ତସ୍ୟ କୁତୋ ମହଦ୍ ଗୁଣା
ମନୋରଥେନାସତି ଧାବତୋ ବହିଃ ॥

"ଯେଉଁ ବ୍ୟକ୍ତିର ଭଗବାନ୍‌ଙ୍କ ପ୍ରତି ଅହୈତୁକୀ ଭକ୍ତି ଅଛି, ତା'ଠାରେ ସମସ୍ତ ପ୍ରକାର ଦେବଗୁଣ ପରିଲକ୍ଷିତ ହୁଏ; କିନ୍ତୁ ଯେ ଭଗବାନ୍‌ଙ୍କର ଭକ୍ତ ନୁହେଁ, ତା'ଠାରେ କେବଳ ଭୌତିକ ଯୋଗ୍ୟତା ହିଁ ଦେଖାଯାଏ, ଯାହାର ମୂଲ୍ୟ ଖୁବ୍ କମ୍ । ଏହାର କାରଣ ହେଉଛି, ସେ କେବଳ ମାନସିକ କଳ୍ପନା ହିଁ କରିଚାଲିଛି, ଅର୍ଥାତ୍ କଳ୍ପନାବିଳାସୀ ହୋଇଉଠିଛି ଏବଂ ଏହା ନିଶ୍ଚିତ ଯେ, ସେ ଅତି ମୋହିନୀ ଭୌତିକ ଶକ୍ତି ପ୍ରତି ଆକୃଷ୍ଟ ହୋଇପଡ଼ିଛି ।"
(ଭାଗବତଂ ୫-୧୮-୧୨)

ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ।
ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ତ୍ୱକ୍‌ଚୈବ ପରିଦହ୍ୟତେ ॥୨୯॥

ଶବ୍ଦାନୁବାଦ

ବେପଥୁଃ=ଶରୀରକମ୍ପନ; ଚ=ମଧ୍ୟ; ଶରୀରେ=ଶରୀରରେ; ମେ=ମୋର; ରୋମହର୍ଷଃ=ରୋମାଞ୍ଚ ହେବା; ଚ=ମଧ୍ୟ; ଜାୟତେ=ହେଉଛି; ଗାଣ୍ଡୀବଂ=ଅର୍ଜୁନଙ୍କ ଧନୁ; ସ୍ରଂସତେ=ଖସିଯାଉଛି; ହସ୍ତାତ୍=ହାତରୁ; ତ୍ୱକ୍=ଚର୍ମ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ପରିଦହ୍ୟତେ=ପୋଡ଼ିଯାଉଛି ।

ଅନୁବାଦ

ମୋର ସମସ୍ତ ଶରୀର ଥରିଉଠୁଛି ଏବଂ ରୋମ ଟାଙ୍କୁରି ଉଠୁଛି । ମୋର ଗାଣ୍ଡୀବ ଧନୁ ହାତରୁ ଖସିଯାଉଛି ଏବଂ ମୋର ଚର୍ମ ଦଗ୍‌ଧୀଭୂତ ହୋଇଯାଉଛି ।

ଭାବାର୍ଥ

ଦୁଇପ୍ରକାର ଶରୀରକମ୍ପନ ଅଛି ଏବଂ ଦୁଇପ୍ରକାର ରୋମାଞ୍ଚ ମଧ୍ୟ ଅଛି ।

ଅତି ମହାନ୍ ଦିବ୍ୟଭାବ (ଆଧ୍ୟାତ୍ମିକ ଭାବ) ଜାତ ହେଲେ ଏପରି ଲକ୍ଷଣ ଦେଖାଯାଏ କିମ୍ବା ଭୌତିକ ସ୍ଥିତିରେ ଅତ୍ୟଧିକ ଭୟ ଜାତ ହେଲେ ଏପରି ହୁଏ । ଦିବ୍ୟାନୁଭୂତି ଲାଭ ସମୟରେ ଭୟର ପ୍ରଶ୍ନ ନାହିଁ । ଏଠାରେ ଅର୍ଜୁନଙ୍କର ଏ ଯେଉଁସବୁ ଲକ୍ଷଣ ପ୍ରକାଶ ପାଉଛି; ସେସବୁ ଭୌତିକ ଭୟ ଯୋଗୁଁ ଅର୍ଥାତ୍ ଜୀବନ ଚାଲିଯିବ—ଏଇ ଭୟ ଯୋଗୁଁ ଏପରି ଲକ୍ଷଣ ପ୍ରକାଶ ପାଉଥିଲା । ଏହା ମଧ୍ୟ ଅନ୍ୟସବୁ ଲକ୍ଷଣଠାରୁ ଭିନ୍ନ । ସେ ଏତେ ଅଧୈର୍ଯ୍ୟ ହୋଇପଡ଼ିଥିଲେ ଯେ, ତାଙ୍କର ପ୍ରସିଦ୍ଧ ଧନୁ ଗାଣ୍ଡୀବ (ଧନୁ) ତାଙ୍କ ହାତରୁ ଖସିଯାଉଥିଲା ଏବଂ ତାଙ୍କର ହୃଦୟ ପୋଡ଼ି ଜଳି ଯାଉଥିଲା; ସେଇଥିଯୋଗୁଁ ତାଙ୍କର ଚର୍ମ ନିଆଁରେ ପୋଡ଼ିଯିବା ଭଳି ସେ ଅନୁଭବ କରୁଥିଲେ । ଭୌତିକ ଧାରଣା କିମ୍ବା ଭୌତିକ ଧାରାରେ ଜୀବନଯାପନ କରୁଥିବା ଯୋଗୁଁ ଏପରି ହେଉଥିଲା ।

ନ ଚ ଶକ୍ନୋମି ଅବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ।
ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ॥୩୦॥

ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ଶକ୍ନୋମି=ଶକ୍ୟ (ସମର୍ଥ); ଅବସ୍ଥାତୁଂ=ରହିବାକୁ; ଭ୍ରମତି=ଭୁଲିଯାଉଛି; ଇବ=ଯେପରି; ଚ=ଏବଂ; ମେ=ମୋର; ମନଃ=ମନ; ନିମିତ୍ତାନି=କାରଣମାନ; ଚ=ମଧ୍ୟ; ପଶ୍ୟାମି=ମୁଁ ଦେଖିପାରୁଛି; ବିପରୀତାନି=ଠିକ୍ ବିପରୀତ; କେଶବ=ହେ କେଶୀଦୈତ୍ୟର ହତ୍ୟାକାରୀ ।

ଅନୁବାଦ

ମୁଁ ଏଠାରେ ଆଉ ଠିଆହେବାକୁ ସମର୍ଥ ନୁହେଁ । ମୁଁ ନିଜକୁ ଭୁଲିଯାଉଛି ଏବଂ ମୋର ମନ ଭ୍ରମୁଛି । ହେ କେଶୀଦୈତ୍ୟର ହତ୍ୟାକାରୀ ! ମୁଁ କେବଳ ଅମଙ୍ଗଳ କଥା ହିଁ ଦେଖିପାରୁଛି ।

ଭାବାର୍ଥ

ଅର୍ଜୁନ ବଡ଼ ଅଧୈର୍ଯ୍ୟ ହୋଇପଡ଼ିବାରୁ ଯୁଦ୍ଧକ୍ଷେତ୍ରରେ ଆଉ ଠିଆହୋଇ ରହି ପାରିଲେ ନାହିଁ ଏବଂ ତାଙ୍କର ମାନସିକ ଦୁର୍ବଳତା ହେତୁ ସେ ନିଜକୁ ଭୁଲିଯାଉଥିଲେ । ବ୍ୟକ୍ତି ଭୌତିକ ବସ୍ତୁ ପ୍ରତି ଅତ୍ୟଧିକ ଆସକ୍ତ ହୋଇପଡ଼ିଲେ ସେ ବଡ଼ ବ୍ୟସ୍ତ, ବିବ୍ରତ ଓ ବ୍ୟଥିତ ହୋଇପଡ଼େ—ତା'ର ଜୀବନ ଦୁର୍ବିସହ ହୋଇଉଠେ । "ଭୟଂ ଦ୍ୱିତୀୟାଭିନିବେଶତଃ"—ଏ ପ୍ରକାର ଭୀତି ଏବଂ ମାନସିକ ଚଞ୍ଚଳତା ସେହି ଲୋକଙ୍କ ପାଖରେ ଦେଖାଯାଏ, ଯେଉଁମାନେ ଅତ୍ୟଧିକ ପରିମାଣରେ ଭୌତିକ ବିଷୟବସ୍ତୁ ପ୍ରତି ଆସକ୍ତ ହୋଇପଡ଼ିଥାନ୍ତି । ଯୁଦ୍ଧକ୍ଷେତ୍ରରେ ଅର୍ଜୁନ କେବଳ ଅମଙ୍ଗଳ ଲକ୍ଷଣ ହିଁ ଦେଖିଲେ—ଦୁଃଖ ଦେଖିଲେ । ସେ ଦେଖିଲେ—ଯୁଦ୍ଧରେ ବିଜୟୀ ହେଲେ ବି ସେ ସୁଖୀ ହୋଇପାରିବେ ନାହିଁ । ଏଠାରେ ବ୍ୟବହୃତ 'ନିମିତ୍ତ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଯେତେବେଳେ ବ୍ୟକ୍ତି ହତାଶ ହୋଇପଡ଼େ, ସେତେବେଳେ ସେ ଯାହା ଆଶାକରି ନ ଥାଏ, ତାହା ଆସି ପହଞ୍ଚେ । ସେତେବେଳେ ସେ ଭାବେ, "ମୁଁ କାହିଁକି ଏଠାରେ ଅଛି ?" ପ୍ରତ୍ୟେକେ ନିଜ

ନିଜ ବିଷୟରେ ବ୍ୟସ୍ତ—ନିଜର ସୁଖ ବା ମଙ୍ଗଳରେ ବ୍ୟସ୍ତ । କେହି ପରମେଶ୍ୱର ବା ପରମାତ୍ମାଙ୍କ କଥା ଭାବନ୍ତି ନାହିଁ । ଅର୍ଜୁନ କୃଷ୍ଣଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ନିଜ ସୁଖ (ବା ଆତ୍ମସୁଖ) ପ୍ରତି ବୀତସ୍ପୃହ ହୋଇଉଠିବ । କୃଷ୍ଣ ହିଁ ପ୍ରତ୍ୟେକଙ୍କର ବାସ୍ତବ ସୁଖର କେନ୍ଦ୍ର ଅଟନ୍ତି । ବଦ୍ଧଜୀବ ଏହା ଭୁଲିଯାଇଥାଏ ଏବଂ ସେଇଥିପାଇଁ ସେ ଭୌତିକ ଦୁଃଖ ଭୋଗ କରେ । ଅର୍ଜୁନ ଭାବିଲେ, ଯୁଦ୍ଧରେ ବିଜୟଲାଭ ତାଙ୍କୁ କେବଳ ଦୁଃଖ ହିଁ ଆଣିଦେବ । ଏ ବିଜୟ ତାଙ୍କର ଦୁଃଖର କାରଣ ହେବ ।

ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ।
ନ କାଙ୍‌କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।।୩୧।।

ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ଶ୍ରେୟଃ=ଉତ୍ତମ; ଅନୁପଶ୍ୟାମି=ମୁଁ ଦେଖୁଛି; ହତ୍ୱା=ବିନାଶକରି; ସ୍ୱଜନମ୍=ସ୍ୱଜନବନ୍ଧୁମାନଙ୍କୁ; ଆହବେ=ଯୁଦ୍ଧରେ; ନ=ନୁହେଁ; କାଙ୍‌କ୍ଷେ=ମୁଁ ଇଚ୍ଛା କରେ; ବିଜୟଂ=ବିଜୟ; କୃଷ୍ଣ=ହେ କୃଷ୍ଣ; ନ=କିମ୍ବା ନୁହେଁ; ଚ=ମଧ୍ୟ; ରାଜ୍ୟଂ=ରାଜ୍ୟ; ସୁଖାନି=ସୁଖ; ଚ=ମଧ୍ୟ ।

ଅନୁବାଦ

ହେ ପ୍ରିୟ କୃଷ୍ଣ ! ଯୁଦ୍ଧରେ ମୋର ଆତ୍ମୀୟସ୍ୱଜନମାନଙ୍କୁ ବଧ କଲେ ଯେ କି ଭଲ ଫଳ ହେବ, କାହିଁକି ତାହା ମୁଁ କିଛି ଦେଖି ପାରୁନାହିଁ, କିମ୍ବା ଏ ଯୁଦ୍ଧରେ ବିଜୟଲାଭ କରି ରାଜ୍ୟ ସୁଖଭୋଗ କରିବାକୁ ମୁଁ ଇଚ୍ଛା କରୁନାହିଁ ।

ଭାବାର୍ଥ

ବଦ୍ଧଜୀବ ଏକଥା ଜାଣିପାରେ ନାହିଁ ଯେ କୃଷ୍ଣ (ବା ବିଷ୍ଣୁ) ହେଉଛନ୍ତି ତା'ର ଏକମାତ୍ର ଆତ୍ମୀୟ (ସୁହୃଦ୍) । ସେ ଭୁଲ୍‌ରେ ଶରୀର ସମ୍ବନ୍ଧରେ ସମ୍ବନ୍ଧିତ ଆତ୍ମୀୟସ୍ୱଜନମାନଙ୍କ ପ୍ରତି ଅତ୍ୟଧିକ ଆସକ୍ତ ହୋଇ ସେମାନଙ୍କ ଗହଣରେ ସୁଖ ପାଇବାକୁ ଆଶା କରେ । ମୋହବଶତଃ ସେମାନେ ଭୁଲିଯାଆନ୍ତି ଯେ ଭୌତିକ ସୁଖର କାରଣ ହେଉଛନ୍ତି କୃଷ୍ଣ । ଅର୍ଜୁନଙ୍କର ଏ ପ୍ରକାର ବ୍ୟବହାରରୁ ଜଣାଯାଉଥିଲା ଯେ ସେ ଯେପରି କ୍ଷତ୍ରିୟୋଚିତ ନୈତିକ ବ୍ୟବହାର ବି ଭୁଲିଯାଇଛନ୍ତି । କଥିତ ଅଛି ଯେ ଦୁଇପ୍ରକାର ବ୍ୟକ୍ତି ଅତ୍ୟନ୍ତ ଉଜ୍ଜ୍ୱଳ ଆଲୋକରେ ପ୍ରବେଶ କରିବାକୁ ଯୋଗ୍ୟ ହୁଅନ୍ତି । ପ୍ରଥମତଃ ଯେଉଁ କ୍ଷତ୍ରିୟ କୃଷ୍ଣଙ୍କର ଆଦେଶ ଅନୁଯାୟୀ ଯୁଦ୍ଧକ୍ଷେତ୍ରରେ ତାଙ୍କ ସମ୍ମୁଖରେ ପ୍ରାଣତ୍ୟାଗ କରେ, ସେ ଏବଂ ଦ୍ୱିତୀୟତଃ ଜଣେ ସନ୍ୟାସୀ, ଯେ କି ଏକାନ୍ତ ଭାବରେ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ପ୍ରୟାସୀ—ସେ, ଏ ଦୁଇ ପ୍ରକାର ବ୍ୟକ୍ତି ସୂର୍ଯ୍ୟଲୋକରେ ପ୍ରବେଶ କରିପାରନ୍ତି । ଏପରି କି ଅର୍ଜୁନ ତାଙ୍କ ଶତ୍ରୁମାନଙ୍କୁ ବଧ କରିବାକୁ ବି ପଛାଉଛନ୍ତି । ସେ ଭାବୁଥିଲେ ଯେ ତାଙ୍କର ଆତ୍ମୀୟସ୍ୱଜନମାନଙ୍କୁ ଯୁଦ୍ଧରେ ବଧ କଲେ, ସେ ଜୀବନରେ ସୁଖ ପାଇପାରିବେ ନାହିଁ ଏବଂ ସେଇଥିପାଇଁ ସେ ଯୁଦ୍ଧ କରିବାକୁ ଇଚ୍ଛାକରୁ ନ ଥିଲେ । ଯେପରି ବ୍ୟକ୍ତି କ୍ଷୁଧାର୍ତ୍ତ ନ ହେଲେ ଖାଦ୍ୟ ପ୍ରସ୍ତୁତ କରିବାକୁ ଇଚ୍ଛା କରେ ନାହିଁ,

ସେହିପରି ଅର୍ଜୁନ ଯୁଦ୍ଧ କରିବାକୁ ଇଚ୍ଛା କରୁ ନ ଥିଲେ । ସେ ବର୍ତ୍ତମାନ ସ୍ଥିର କଲେ ଯେ ସେ ବଣକୁ ଯାଇ ହାହତାଶମୟ ଏକାନ୍ତ ଜୀବନଯାପନ କରିବେ; କିନ୍ତୁ ଏକ କ୍ଷତ୍ରିୟ ହିସାବରେ ସେ ନିଜର ଭରଣପୋଷଣ ନିମିତ୍ତ ଏକ ରାଜ୍ୟ ଦରକାର କରନ୍ତି, କାରଣ କ୍ଷତ୍ରିୟମାନେ ଅନ୍ୟକର୍ମରେ ନିଯୁକ୍ତ ହୋଇପାରିବେ ନାହିଁ; କିନ୍ତୁ ଅର୍ଜୁନଙ୍କର ରାଜ୍ୟ ନାହିଁ । ଅର୍ଜୁନଙ୍କୁ ତାଙ୍କର ଆତ୍ମୀୟସ୍ୱଜନ, ଭାଇବନ୍ଧୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ରାଜ୍ୟଲାଭ କରିବାର ଅର୍ଥାତ୍ ପିତୃରାଜ୍ୟ ଫେରିପାଇବାର ସୁଯୋଗ ମିଳିଛି; କିନ୍ତୁ ସେ ଏହା ଚାହୁଁ ନାହାନ୍ତି; ତେଣୁ ସେ ଭାବୁଛନ୍ତି ବଣକୁ ଯାଇ ଏକାନ୍ତ ଭାବରେ ହାହତାଶମୟ ଜୀବନଯାପନ କରିବା ତାଙ୍କ ପକ୍ଷରେ ଶ୍ରେୟସ୍କର ହେବ ।

କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ ଜୀବିତେନ ବା ।
ଯେଷାମ୍ ଅର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ॥୩୨॥

ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ ତ୍ୟକ୍ତ୍ୱା ଧନାନି ଚ ।
ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ ତଥୈବ ଚ ପିତାମହାଃ ॥୩୩॥

ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ-ସଂବନ୍ଧିନସ୍ତଥା ।
ଏତାନ୍ ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ॥୩୪॥

ଅପି ତ୍ରୈଲୋକ୍ୟ ରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ।
ନିହତ୍ୟ ଧାର୍ତରାଷ୍ଟ୍ରାନ୍ ନଃ କା ପ୍ରୀତିଃ ସ୍ୟାଜ୍ ଜନାର୍ଦ୍ଦନ ॥୩୫॥

ଶବ୍ଦାନୁବାଦ

କିଂ=କ'ଣ ଦରକାର; ନଃ=ଆମ୍ଭମାନଙ୍କର; ରାଜ୍ୟେନ=ରାଜ୍ୟରେ; ଗୋବିନ୍ଦ=ହେ କୃଷ୍ଣ; କିଂ=କ'ଣ; ଭୋଗୈଃ=ଭୋଗରେ; ଜୀବିତେନ=ଜୀବନରେ; ବା=କିମ୍ବା; ଯେଷାମ୍=ଯେଉଁମାନଙ୍କର; ଅର୍ଥେ=ନିମିତ୍ତ; କାଙ୍କ୍ଷିତଂ=ଅଭିଳଷିତ; ନଃ=ଆମ୍ଭମାନଙ୍କର; ରାଜ୍ୟଂ=ରାଜ୍ୟ; ଭୋଗାଃ=ଭୌତିକ ସୁଖଭୋଗ; ସୁଖାନି=ସମସ୍ତ ସୁଖ; ଚ=ମଧ୍ୟ; ତେ=ସେମାନେ ସମସ୍ତେ; ଇମେ=ଏମାନେ; ଅବସ୍ଥିତାଃ=ଅବସ୍ଥିତ; ଯୁଦ୍ଧେ=ଏହି ଯୁଦ୍ଧକ୍ଷେତ୍ରରେ; ପ୍ରାଣାନ୍=ଜୀବନକୁ; ତ୍ୟକ୍ତ୍ୱା=ତ୍ୟାଗକରି; ଧନାନି=ଧନ; ଚ=ମଧ୍ୟ; ଆଚାର୍ଯ୍ୟାଃ=ଆଚାର୍ଯ୍ୟମାନେ ବା ଗୁରୁମାନେ; ପିତରଃ=ପିତୃପୁରୁଷମାନେ; ପୁତ୍ରାଃ=ପୁଅମାନେ; ତଥା=ତଥା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ପିତାମହାଃ=ପିତାମହଗଣ; ମାତୁଳାଃ=ମାତୁଳଗଣ; ଶ୍ୱଶୁରାଃ=ଶ୍ୱଶୁରମାନେ; ପୌତ୍ରାଃ=ପୌତ୍ରମାନେ (ନାତିମାନେ); ଶ୍ୟାଳାଃ=ଶାଳକମାନେ; ସମ୍ବନ୍ଧିନଃ=ସମ୍ବନ୍ଧିମାନେ (ବନ୍ଧୁବାନ୍ଧବମାନେ); ତଥା=ତଥା; ଏତାନ୍=ଏମାନେ ସମସ୍ତେ; ନ=ନୁହେଁ; ହନ୍ତୁମ୍=ମାରିବାପାଇଁ; ଇଚ୍ଛାମି=ମୁଁ ଇଚ୍ଛାକରେ; ଘ୍ନତଃ=ମାରିଲେ ମଧ୍ୟ; ଅପି=ଏପରିକି; ମଧୁସୂଦନ=ହେ ମଧୁ ଦୈତ୍ୟର ହତ୍ୟାକାରୀ (କୃଷ୍ଣ); ଅପି=ଯଦିଓ ତ୍ରୈଲୋକ୍ୟ=ତିନିଭୁବନର; ରାଜ୍ୟସ୍ୟ=ରାଜ୍ୟର; ହେତୋଃ=ବଦଳରେ; କିଂ=କ'ଣ କହିବା; ନୁ=କେବଳ; ମହୀକୃତେ=ପୃଥିବୀ ନିମିତ୍ତ; ନିହତ୍ୟ=ବିନାଶ କରି; ଧାର୍ତରାଷ୍ଟ୍ରାନ୍=

ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; ନଃ=ଆମ୍ଭମାନଙ୍କର; କା=କେଉଁ; ପ୍ରୀତିଃ=ଆନନ୍ଦ; ସ୍ୟାତ୍=ଏଠାରେ ହୋଇପାରେ; ଜନାର୍ଦ୍ଦନ=ହେ ଜନାର୍ଦ୍ଦନ (ସମସ୍ତ ଜୀବଙ୍କ ପାଳନକର୍ତ୍ତା) ।

ଅନୁବାଦ

ହେ ଗୋବିନ୍ଦ ! ଏ ରାଜ୍ୟ, ସୁଖଭୋଗ କିମ୍ବା ଏ ଜୀବନ ଆମର କ'ଣ ଦରକାର ? ଯେଉଁମାନଙ୍କ ପାଇଁ ଆମେ ଏସବୁ ଦରକାର କରୁ, ସେମାନେ ତ ବର୍ତ୍ତମାନ ଏଠାରେ (ଯୁଦ୍ଧକ୍ଷେତ୍ରରେ) ଯୁଦ୍ଧ କରିବା ନିମିତ୍ତ ସଜ୍ଜିତହୋଇ ରହିଛନ୍ତି, ତେବେ ଆମର ଏସବୁ କ'ଣ ଦରକାର ? ହେ ମଧୁସୂଦନ ! ଯେତେବେଳେ ଆମ୍ଭମାନଙ୍କର ଆଚାର୍ଯ୍ୟ ବା ଗୁରୁଗଣ, ପିତୃପୁରୁଷଗଣ, ପୁତ୍ରଗଣ, ପିତାମହଗଣ, ମାତୁଳଗଣ, ଶ୍ୱଶୁରଗଣ, ପୌତ୍ରଗଣ, ଶାଳକଗଣ ଏବଂ ସମସ୍ତ ଆତ୍ମୀୟସ୍ୱଜନ ସେମାନଙ୍କର ଧନସମ୍ପଦ ଓ ଜୀବନ ବଳିଦେବା-ପାଇଁ ପ୍ରସ୍ତୁତ ହୋଇ ମୋ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି, ସେତେବେଳେ ଯଦିଓ ମୁଁ ବଞ୍ଚି ରହିପାରେ, ତଥାପି ସେମାନଙ୍କୁ କାହିଁକି ମାରିବାକୁ ଇଚ୍ଛା କରିବି ? ହେ ଜନାର୍ଦ୍ଦନ ! (ହେ ସମସ୍ତ ଜୀବଙ୍କର ପାଳନକର୍ତ୍ତା) ! ଏ ପୃଥିବୀ କଥା ବା କ'ଣ କହିବି, ଯଦି ମୋତେ ତ୍ରିଭୁବନରେ ରାଜା କରିଦିଆଯାଏ; ତଥାପି ବି ମୁଁ ଏମାନଙ୍କ ସାଥିରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ନୁହେଁ ।

ଭାବାର୍ଥ

ଏଠାରେ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଗୋବିନ୍ଦ ବୋଲି ସମ୍ବୋଧନ କରିଛନ୍ତି, କାରଣ କୃଷ୍ଣ ଗାଭୀ ଓ ଇନ୍ଦ୍ରିୟମାନଙ୍କୁ ସମସ୍ତ ପ୍ରକାର ଆନନ୍ଦ ଦିଅନ୍ତି । ସେ ହେଉଛନ୍ତି ଆନନ୍ଦର ସରୋବର । ସ୍ୱତନ୍ତ୍ର ଭାବରେ ଏହି ଶବ୍ଦ (ଗୋବିନ୍ଦ) ବ୍ୟବହାର କରି ଅର୍ଜୁନ ସୂଚନା ଦେଉଛନ୍ତି ଯେ, ତାଙ୍କର ଇନ୍ଦ୍ରିୟମାନଙ୍କୁ କ'ଣ ଆନନ୍ଦ ଦେବ । ଯଦିଓ ଗୋବିନ୍ଦ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଉଦ୍ଦିଷ୍ଟ ନୁହନ୍ତି, ତଥାପି ଆମ୍ଭେମାନେ ଯଦି ଗୋବିନ୍ଦଙ୍କର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଚେଷ୍ଟାକରୁ, ତାହାହେଲେ ଆମ୍ଭମାନଙ୍କର ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ସନ୍ତୁଷ୍ଟ ହୋଇଯିବେ । ଏ ଭୌତିକ ଜଗତରେ ପ୍ରାୟ ପ୍ରତ୍ୟେକେ ନିଜ ନିଜର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଇଚ୍ଛା କରନ୍ତି ଏବଂ ଏଥିପାଇଁ ଭଗବାନ୍ ତାର ଆଦେଶ ପାଳନ କରି ସବୁ ସୁଖଭୋଗ ପଦାର୍ଥ ତାକୁ ଯୋଗାଇ ଦେବାପାଇଁ ସେ ଇଚ୍ଛା କରେ । ଜୀବ ଯେତିକି ଦରକାର କରେ ଭଗବାନ୍ ସେତିକି ତାକୁ ଦିଅନ୍ତି, ଅର୍ଥାତ୍ ସେହି ଅନୁଯାୟୀ ତାର ଇନ୍ଦ୍ରିୟମାନଙ୍କୁ ସନ୍ତୋଷ ଦିଅନ୍ତି, କିନ୍ତୁ ସେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ଇଚ୍ଛାକଲେ ଭଗବାନ୍ ତାହା ଦେବେନାହିଁ । କିନ୍ତୁ ବ୍ୟକ୍ତି ଯେତେବେଳେ ଓଲଟା ବାଟ ଧରେ, ଅର୍ଥାତ୍ ସେ ନିଜର ଇନ୍ଦ୍ରିୟମାନଙ୍କୁ ସୁଖ ଦେବାକୁ ଇଚ୍ଛା ନକରି ଗୋବିନ୍ଦଙ୍କର ଇନ୍ଦ୍ରିୟମାନଙ୍କୁ ସୁଖ-ଦେବାକୁ ଚେଷ୍ଟା କରେ, ସେତେବେଳେ ଗୋବିନ୍ଦଙ୍କ କୃପାରୁ ତାର ସବୁ କାମନା ପୂର୍ଣ୍ଣ ହୁଏ । ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ଅର୍ଜୁନଙ୍କର ସ୍ୱାଭାବିକଭାବେ ଅନୁକମ୍ପା ଥିଲା । ତେଣୁ ଅର୍ଜୁନଙ୍କର ଜାତି ଭାଇ ବନ୍ଧୁ-କୁଟୁମ୍ବଙ୍କ ପ୍ରତି ଥିବା ଗଭୀର ସ୍ନେହ ଏଠାରେ ଆଂଶିକ ଭାବରେ ପ୍ରକାଶିତ ହୋଇଛି । ତେଣୁ ସେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉ ନ ଥିଲେ । ପ୍ରତ୍ୟେକେ ନିଜ ନିଜର ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ଆପଣାର ଐଶ୍ୱର୍ଯ୍ୟ ଦେଖାଇବାକୁ

ଚାହାନ୍ତି, କିନ୍ତୁ ଅର୍ଜୁନ ଏଠାରେ ଆଶଙ୍କା କରୁଛନ୍ତି ଯେ, ତାଙ୍କର ଭାଇବନ୍ଧୁ କୁଟୁମ୍ବଗଣ ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କରିବେ, ତାହାହେଲେ ବିଜୟହାସଲ ପରେ ସେ କେଉଁମାନଙ୍କୁ ତାଙ୍କର ଐଶ୍ୱର୍ଯ୍ୟ ପ୍ରଦର୍ଶନ କରିବେ । ଏପରି ଅବସ୍ଥାରେ ସେ ଐଶ୍ୱର୍ଯ୍ୟ ଉପଭୋଗ କରିବାକୁ ଅକ୍ଷମ ହୋଇ ଉଠିବେ । ଏହା ହେଉଛି ଭୌତିକ ଜୀବନର ଏକ ବିଚିତ୍ର ହିସାବ କିତାବ । ଅବଶ୍ୟ ଦିବ୍ୟ ଜୀବନ ସ୍ୱତନ୍ତ୍ର ଅଟେ—ଭିନ୍ନ ପ୍ରକାର ଅଟେ । ଯେତେବେଳେ ଜଣେ ଭକ୍ତ ଭଗବାନ୍‌ଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାକୁ ଚାହେଁ, ସେତେବେଳେ, ଯଦି ଭଗବାନ୍ ଚାହାନ୍ତି, ତାହାହେଲେ ସେ ଭଗବାନ୍‌ଙ୍କ ସେବା ଉଦ୍ଦେଶ୍ୟରେ ସମସ୍ତ ପ୍ରକାର ଐଶ୍ୱର୍ଯ୍ୟ ଗ୍ରହଣ କରିପାରେ, କିନ୍ତୁ ଯଦି ଭଗବାନ୍ ନ ଚାହାନ୍ତି, ତାହାହେଲେ ସେ ଗୋଟିଏ ପଇସା ସୁଦ୍ଧା ଗ୍ରହଣ କରିବ ନାହିଁ । ଅର୍ଜୁନ ତାଙ୍କର ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ମାରିବାକୁ ଇଚ୍ଛାକରୁ ନ ଥିଲେ । ଯଦି ସେମାନଙ୍କୁ ମାରିବାକୁ ଦରକାର ପଡ଼ୁଥିଲା, ତାହାହେଲେ ସେ ଭାବୁଥିଲେ ଯେ କୃଷ୍ଣ ସେମାନଙ୍କୁ ବିନାଶ କରନ୍ତୁ । ଏ କ୍ଷେତ୍ରରେ ସେ ଜାଣି ନ ଥିଲେ ଯେ ସେମାନେ ଯୁଦ୍ଧକ୍ଷେତ୍ରକୁ ଆସିବା ପୂର୍ବରୁ କୃଷ୍ଣ ସେମାନଙ୍କୁ ମାରିସାରିଛନ୍ତି ଏବଂ ସେ ବର୍ତ୍ତମାନ କୃଷ୍ଣଙ୍କ ହାତରେ ଏକ ଯନ୍ତ୍ର ହୋଇ କାମ କରିବେ । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଏ କଥା ପ୍ରକାଶ ପାଇଛି । ଭଗବାନ୍‌ଙ୍କର ଏକ ସ୍ୱାଭାବିକ ଭକ୍ତ ହିସାବରେ ଅର୍ଜୁନ ଇଚ୍ଛା କରୁ ନ ଥିଲେ ତାଙ୍କର ଦୁର୍ଦ୍ଧର୍ଷ ଭାଇମାନଙ୍କୁ ମାରିବାକୁ, କିନ୍ତୁ ଭଗବାନ୍ ଚାହୁଁଥିଲେ ଯେ ସେମାନେ ସମସ୍ତେ ମରିବେ । ଭଗବାନ୍‌ଙ୍କର ଭକ୍ତ ଭଗବାନଙ୍କ ନିୟମ ଲଙ୍ଘନକାରୀ ପାପାଚାରୀ ବଦ୍‌ମାସ୍ ପ୍ରତି ମଧ୍ୟ ବିଦ୍ୱେଷଭାବ ପୋଷଣ କରେ ନାହିଁ, କିନ୍ତୁ ଭଗବାନ୍ ଭକ୍ତର ଅବମାନନା ସହ୍ୟ କରିପାରନ୍ତି ନାହିଁ । ଯଦି କୌଣସି ବଦ୍‌ମାସ୍ ଭକ୍ତ ପ୍ରତି ଅବମାନନା କରେ, ତାହା ଭଗବାନ୍‌ଙ୍କର ଅସହ୍ୟ ହୋଇଉଠେ । ଭଗବାନ୍ ତାଙ୍କ ପ୍ରତି ଅବମାନନା କରୁଥିବା ବଦମାସ୍‌କୁ କ୍ଷମା ଦେଇପାରନ୍ତି, କିନ୍ତୁ ଯେ ତାଙ୍କର ଭକ୍ତମାନଙ୍କୁ ଅବମାନନା କରେ, ସେ ତାକୁ କ୍ଷମା କରନ୍ତି ନାହିଁ । ତେଣୁ ଭଗବାନ୍ ଇଚ୍ଛା କରୁଛନ୍ତି ଏ ବଦମାସ୍‌ମାନଙ୍କୁ ବିନାଶ କରିବାକୁ । ଯଦିଓ ଅର୍ଜୁନ ସେମାନଙ୍କୁ କ୍ଷମା ଦେବାକୁ ଇଚ୍ଛା କରୁଛନ୍ତି, ତଥାପି ଭଗବାନ୍ ସେ ବଦମାସ୍‌ମାନଙ୍କୁ ବିନାଶ କରିବାକୁ ଦୃଢ଼ ନିଶ୍ଚିତ ହୋଇଯାଇଛନ୍ତି ।

ପାପମ୍ ଏବାଶ୍ରୟେଦ୍ ଅସ୍ମାନ୍ ହତ୍ୱୈତାନ୍ ଆତତାୟିନଃ ।
ତସ୍ମାନ୍ ନାର୍ହା ବୟଂ ହନ୍ତୁଂ ଧାର୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ॥
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ॥୩୬॥

ଶବ୍ଦାନୁବାଦ

ପାପମ୍=ପାପ; ଏବ=ନିଶ୍ଚିତଭାବେ; ଆଶ୍ରୟେତ୍=ନିଶ୍ଚିତଭାବେ ଆଶ୍ରୟ କରିବ; ଅସ୍ମାନ୍=ଆମ୍ଭମାନଙ୍କୁ; ହତ୍ୱା=ମାରିବା ଦ୍ୱାରା; ଏତାନ୍=ଏସବୁ; ଆତତାୟିନଃ=ଆତତାୟିମାନେ; ତସ୍ମାତ୍=ତେଣୁ; ନ=କେବେନୁହେଁ; ଅର୍ହାଃ=ଠିକ୍; ବୟଂ=ଆମ୍ଭମାନଙ୍କ ପକ୍ଷରେ; ହନ୍ତୁଂ=ମାରିବାକୁ; ଧାର୍ତରାଷ୍ଟ୍ରାନ୍=ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; ସ୍ୱବାନ୍ଧବାନ୍=ବନ୍ଧୁବାନ୍ଧବଙ୍କ ସହ; ସ୍ୱଜନଂ=ସ୍ୱଜନମାନଙ୍କୁ; ହି=ନିଶ୍ଚିତଭାବେ; କଥଂ=କିପରି; ହତ୍ୱା=ବଧକରି;

ସୁଖିନଃ=ସୁଖୀ; ସ୍ୟାମ=ହେବା; ମାଧବ=ହେ କୃଷ୍ଣ (ହେ ମାଧବ) ! ।

ଅନୁବାଦ

ଆମ୍ଭେମାନେ ଯଦି ଏ ଆତତାୟୀମାନଙ୍କୁ ବଧ କରିବା ତାହାହେଲେ ନିଶ୍ଚୟ ପାପ ହେବ । ତେଣୁ ଆମ୍ଭମାନଙ୍କ ପକ୍ଷରେ ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ ଏବଂ ଆମ୍ଭମାନଙ୍କର ବନ୍ଧୁବାନ୍ଧବମାନଙ୍କୁ ବଧ କରିବା ଠିକ୍ ହେବ ନାହିଁ । "ହେ କୃଷ୍ଣ ! ହେ ମାଧବ ! ଏଥିରେ ଆମର କ'ଣ ଲାଭ ହେବ ଏବଂ ସ୍ୱଜନମାନଙ୍କୁ ବଧକରି ଆମ୍ଭେମାନେ କିପରି ସୁଖୀ ହେବା ?"

ଭାବାର୍ଥ

ବୈଦିକ ଶାସ୍ତ୍ରାନୁଯାୟୀ ଛ'ପ୍ରକାର ଆତତାୟୀ ଅଛନ୍ତି—ଯଥା— (୧) ଯେ ବିଷଦିଏ; (୨) ଅଗ୍ନିସଂଯୋଗକାରୀ (ଯେ ଘରେ ନିଆଁ ଲଗାଇଦିଏ); (୩) ଯେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରେ; (୪) ଯେ ଧନ ଅପହରଣ କରେ; (୫) ଯେ ଅନ୍ୟର ଭୂସମ୍ପତ୍ତି ଅପହରଣ କରେ; (୬) ଯେ ପର ସ୍ତ୍ରୀ ଅପହରଣ କରେ । ଏ ପ୍ରକାର ଆତତାୟୀମାନଙ୍କୁ ସାଙ୍ଗେ ସାଙ୍ଗେ ମାରିଦେବା ଉଚିତ୍ ଏବଂ ଏ ପ୍ରକାର ଆତତାୟୀମାନଙ୍କୁ ବଧ କଲେ କୌଣସି ପ୍ରକାର ପାପ ହେବ ନାହିଁ । ଯେ କୌଣସି ସାଧାରଣ ଲୋକ ପକ୍ଷରେ ମଧ୍ୟ ଏ ପ୍ରକାର ଆତତାୟୀମାନଙ୍କୁ ବଧ କରିବାରେ କୌଣସି କ୍ଷତି ନାହିଁ; କିନ୍ତୁ ଅର୍ଜୁନତ କୌଣସି ସାଧାରଣ ଲୋକ ନୁହନ୍ତି । ସେ ସାଧୁଭାବ ସମ୍ପନ୍ନ ଏକ ଭକ୍ତ ଅଟନ୍ତି ଏବଂ ସେଇଥିପାଇଁ ସେ ସେମାନଙ୍କ ସହିତ ସାଧୁଭାବରେ ବ୍ୟବହାର କରିବାକୁ ଇଚ୍ଛା କଲେ । କିନ୍ତୁ ଏ ପ୍ରକାର ସାଧୁବ୍ୟବହାର ଅବଶ୍ୟ ଏକ କ୍ଷତ୍ରିୟ ପକ୍ଷରେ ଶୋଭପାଏ ନାହିଁ । ଯଦିଓ ଶାସନ ବିଭାଗରେ ଥିବା ଯେ କୌଣସି ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ସାଧୁସ୍ୱଭାବସମ୍ପନ୍ନ ହେବା ଉଚିତ୍, ତଥାପି ସେ ଭୀରୁ ହେବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ, ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ଏପରି ସାଧୁ ସ୍ୱଭାବ ସମ୍ପନ୍ନ ଥିଲେ ଯେ, ଲୋକମାନେ ତାଙ୍କ ସାମ୍ରାଜ୍ୟରେ ବାସ କରିବାକୁ ସମସ୍ତେ ଇଚ୍ଛା କରୁଥିଲେ; କିନ୍ତୁ ରାମଚନ୍ଦ୍ର ମହାପ୍ରଭୁ କେବେହେଲେ ଭୀରୁତା ପ୍ରକାଶ କରି ନାହାନ୍ତି । ରାବଣ ଜଣେ ଆତତାୟୀ ଥିଲା । ସେ ରାମଚନ୍ଦ୍ରଙ୍କର ଧର୍ମପତ୍ନୀ ସୀତାଦେବୀଙ୍କୁ ଚୋରିକରି ନେଇଥିଲା; କିନ୍ତୁ ରାମଚନ୍ଦ୍ର ମହାପ୍ରଭୁ ତାକୁ ଉପଯୁକ୍ତ ଶିକ୍ଷା ଦେଲେ, ଯାହାକି ପୃଥିବୀ ଇତିହାସରେ ଅତୁଳନୀୟ ଅଟେ । ଏଠାରେ ଅର୍ଜୁନଙ୍କ ସମ୍ବନ୍ଧରେ ବିଚାର କଲେ ଜଣାଯିବ ଯେ, ଅର୍ଜୁନଙ୍କର ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ଭାଇବନ୍ଧୁ , ପୁତ୍ର ନାତି ଆଦି ଆତତାୟୀ ଅଟନ୍ତି । କେବଳ ଏହିମାନଙ୍କ ଯୋଗୁଁ ଅର୍ଜୁନ ଭାବୁଥିଲେ ଯେ, ସେ ସାଧାରଣ ଆତତାୟୀମାନଙ୍କ ବିରୁଦ୍ଧରେ ଯେପରି ଅସ୍ତ୍ରଧାରଣ କରି ଦୃଢ଼ ପ୍ରତିକାର କରନ୍ତି, ଏଠାରେ ସେପରି କରିପାରିବେ ନାହିଁ । ଏତଦ୍‌ବ୍ୟତୀତ ସାଧୁମାନେ ସାଧାରଣତଃ କ୍ଷମାଶୀଳ ଅଟନ୍ତି । କୌଣସି ରାଜନୈତିକ ଘଟଣା ବା ଅବସ୍ଥା ତୁଳନାରେ ଏ ପ୍ରକାର ସାଧୁବିଚାର ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଅର୍ଜୁନ ବିଚାର କଲେ ଯେ, ରାଜନୈତିକ କାରଣରୁ ନିଜର ଆତ୍ମୀୟସ୍ୱଜନ ଭାଇବନ୍ଧୁମାନଙ୍କୁ ବଧ କରିବା ଅପେକ୍ଷା ଧର୍ମ ଓ ସାଧୁ ବ୍ୟବହାର ଦୃଷ୍ଟିରୁ ସେମାନଙ୍କୁ କ୍ଷମାଦେବା ଉଚିତ୍ ଅଟେ । ତେଣୁ ସେ ଭାବିଲେ ଯେ, କ୍ଷଣିକ

ଦୈହିକ ସୁଖ ନିମିତ୍ତ ଏ ପ୍ରକାର ହତ୍ୟାକାଣ୍ଡ ଆଦୌ ସ୍ପୃହଣୀୟ ନୁହେଁ । ପୁନଶ୍ଚ ଏ ଯୁଦ୍ଧର ଫଳ ସ୍ୱରୂପ ଯେଉଁ ରାଜ୍ୟ ମିଳିବ ବା ସୁଖ ମିଳିବ ତାହା ଚିରନ୍ତନ ନୁହେଁ (ତାହା କ୍ଷଣିକ), ତେଣୁ ସେ କାହିଁକି ଏ ପ୍ରକାର ଯୁଦ୍ଧରେ ଆତ୍ମୀୟସ୍ୱଜନ, ଭାଇବନ୍ଧୁମାନଙ୍କୁ ବଧ-କରି ତାଙ୍କର ନିଜ ଜୀବନ ଓ ସନାତନ ମୁକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିବେ ? ଏଠାରେ ଅର୍ଜୁନଙ୍କର କୃଷ୍ଣଙ୍କୁ ମାଧବ ବୋଲି ସମ୍ବୋଧନ କରିବା ବଡ଼ ଅର୍ଥପୂର୍ଣ୍ଣ ଅଟେ । ଏତଦ୍ୱାରା ସେ କୃଷ୍ଣଙ୍କୁ ଜଣାଇଦେବାକୁ ଇଚ୍ଛା କଲେ ଯେ, ଲକ୍ଷ୍ମୀଙ୍କର ଧବ ହିସାବରେ, ସେ ଅର୍ଜୁନଙ୍କୁ ଏପରି ଉପଦେଶ ନ ଦିଅନ୍ତୁ କି ଏପରି କାର୍ଯ୍ୟରେ ନିଯୁକ୍ତ ନ କରନ୍ତୁ ଯାହା ପରିଣାମରେ ଦୁର୍ଭାଗ୍ୟ ହିଁ ଆଣିଦେବ । ଅବଶ୍ୟ କୃଷ୍ଣ କାହାରିକୁ ତ ଦୁର୍ଭାଗ୍ୟ ଦିଅନ୍ତି ନାହିଁ । ଏ ସମ୍ପର୍କରେ ତାଙ୍କର ଭକ୍ତମାନଙ୍କ କଥା ବା କ'ଣ କହିବା ? ସେ ତାଙ୍କର ଭକ୍ତମାନଙ୍କୁ କିପରି ବା ଦୁର୍ଭାଗ୍ୟ ଦେବେ ?

ଯଦ୍ୟପି ଏତେ ନ ପଶ୍ୟନ୍ତି ଲୋଭୋପହତ-ଚେତସଃ ।
କୁଳ-କ୍ଷୟ-କୃତଂ ଦୋଷଂ ମିତ୍ର-ଦ୍ରୋହେ ଚ ପାତକମ୍ ॥୩୭॥
କଥଂ ନ ଜ୍ଞେୟମ୍ ଅସ୍ମାଭିଃ ପାପାଦ୍ ଅସ୍ମାନ୍ ନିବର୍ତ୍ତିତୁମ୍ ।
କୁଳ-କ୍ଷୟ-କୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ ଜନାର୍ଦ୍ଦନ ॥୩୮॥

ଶବ୍ଦାନୁବାଦ

ଯଦି=ଯଦି; ଅପି=ନିଶ୍ଚିତଭାବେ; ଏତେ=ଏମାନେ; ନ ପଶ୍ୟନ୍ତି=ନ ଦେଖନ୍ତି; ଲୋଭ=ଲୋଭ; ଉପହତ=(ଲୋଭ)ର ବଶବର୍ତ୍ତୀ ହୋଇ; ଚେତସଃ=ହୃଦୟ; କୁଳକ୍ଷୟ=କୁଳକ୍ଷୟ କରିବାରେ ବା ବଂଶ ମରାଇବାରେ; କୃତଂ—କୃତ; ଦୋଷଂ=ଦୋଷ; ମିତ୍ରଦ୍ରୋହେ=ବନ୍ଧୁମାନଙ୍କ ମଧ୍ୟରେ କଳିକରି; ଚ=ମଧ୍ୟ; ପାତକମ୍=ପାପକର୍ମର ପ୍ରତିକ୍ରିୟା; କଥଂ=କାହିଁକି, ନ ଜ୍ଞେୟଂ=ଏହା ନ ଜାଣିବେ; ଅସ୍ମାଭିଃ=ଆମ୍ଭମାନଙ୍କ ଦ୍ୱାରା; ପାପାତ୍=ପାପରୁ; ଅସ୍ମାତ୍=ଆମ୍ଭମାନଙ୍କର; ନିବର୍ତ୍ତିତୁମ୍=ବନ୍ଦ ହେବା; କୁଳକ୍ଷୟ=ବଂଶ ନାଶ; କୃତଂ=ଏପରି କରି; ଦୋଷଂ=ଦୋଷ; ପ୍ରପଶ୍ୟଦ୍ଭିଃ=ଯେଉଁମାନେ ଦେଖିପାରିବେ ସେମାନଙ୍କ ଦ୍ୱାରା; ଜନାର୍ଦ୍ଦନ=ହେ କୃଷ୍ଣ ।

ଅନୁବାଦ

ହେ ଜନାର୍ଦ୍ଦନ ! ଯଦିଓ ଏମାନେ (ଦୁର୍ଯ୍ୟୋଧନ ପ୍ରଭୃତି) ଲୋଭର ବଶବର୍ତ୍ତୀ ହୋଇ ବଂଶନାଶ କରିବାରେ ଯେ କି ପାପ ହେଉଛି, ତାହା ଜାଣିପାରୁନାହାନ୍ତି, ତଥାପି ଆମ୍ଭେମାନେ, ଯେଉଁମାନେ ଜାଣିପାରୁଛୁ ଯେ କି ପାପ ହେଉଛି; କାହିଁକି ଏପରି କର୍ମରେ ନିଯୁକ୍ତ ହେବା ?

ଭାବାର୍ଥ

ଯେ ପ୍ରକୃତ କ୍ଷତ୍ରିୟ ସେ କଦାପି ପ୍ରତିଦ୍ୱନ୍ଦ୍ୱୀର ଆହ୍ୱାନରେ ଯୁଦ୍ଧ କରିବାକୁ କିମ୍ବା ଦ୍ୟୂତକ୍ରୀଡ଼ା କରିବାକୁ ପଶ୍ଚାତ୍‌ପଦ ହେବ ନାହିଁ । ପ୍ରତିପକ୍ଷ ଅର୍ଥାତ୍ ଦୁର୍ଯ୍ୟୋଧନଙ୍କ

ପକ୍ଷର ଆହ୍ୱାନରେ ଅର୍ଜୁନ ଯୁଦ୍ଧ କରିବାକୁ ମନା କରିପାରିବେ ନାହିଁ । ଏ ସମ୍ପର୍କରେ ଅର୍ଜୁନ ବିଗ୍ଚର କରି କହୁଛନ୍ତି ଯେ, ଅନ୍ୟପକ୍ଷ ଅପରିଣାମଦର୍ଶୀ ଅଟନ୍ତି । ଏ ଯୁଦ୍ଧର ପରିଣାମ କ'ଣ ହେବ, ସେମାନେ ଜାଣିପାରୁନାହାନ୍ତି । ଅର୍ଜୁନ, ଏ ଯୁଦ୍ଧର ଫଳ ଯେ ବିଷମୟ ହେବ ଏ କଥା ଜାଣିପାରୁଥିଲେ ଏବଂ ସେଇଥିପାଇଁ ପ୍ରତିପକ୍ଷର ଯୁଦ୍ଧର ଆହ୍ୱାନକୁ ଗ୍ରହଣ କରୁ ନ ଥିଲେ । ଯେତେବେଳେ ଫଳ ଭଲ ହୁଏ, ବାସ୍ତବରେ ସେତେବେଳେ କୃତଜ୍ଞତା ସ୍ୱୀକାର କରିବା ବନ୍ଧନର କାରଣ ହୁଏ, କିନ୍ତୁ ଫଳ ଯେତେବେଳେ ଅନ୍ୟଥା ହୁଏ, ସେତେବେଳେ ଆଉ କେହି ବନ୍ଧନରେ ପଡ଼ିପାରିବେ ନାହିଁ । ଏହିପରି ଲଭାଲଭ କଥା ବିଗ୍ଚର କରି ଅର୍ଜୁନ ଠିକ୍ କଲେ ଯେ ସେ ଯୁଦ୍ଧ କରିବେ ନାହିଁ ।

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମ୍ ଅଧର୍ମୋଽଭିଭବତ୍ୟୁତ ॥୩୯॥

ଶବ୍ଦାନୁବାଦ

କୁଳକ୍ଷୟେ=ବଂଶ ନାଶରେ; ପ୍ରଣଶ୍ୟନ୍ତି=ଧ୍ୱଂସହୁଏ; କୁଳଧର୍ମାଃ=କୂଳଧର୍ମ; ସନାତନାଃ=ସନାତନ; ଧର୍ମେ=ଧର୍ମରେ; ନଷ୍ଟେ=ନଷ୍ଟ ହୋଇଯାଇ; କୁଳଂ=କୂଳ (ବଂଶ); କୃତ୍ସ୍ନମ୍=ସମଗ୍ର; ଅଧର୍ମଃ=ଅଧର୍ମ; ଅଭିଭବତି=ରୂପାନ୍ତରିତ ହୋଇଯାଏ; ଉତ= କଥିତ ଅଛି ।

ଅନୁବାଦ

ବଂଶନାଶରେ ସନାତନ କୁଳଧର୍ମ ଧ୍ୱଂସ ହୋଇଯାଏ ଏବଂ ସେଇଥିପାଇଁ ବଂଶର ଅନ୍ୟମାନେ ଅଧର୍ମାଚରଣ କରନ୍ତି ।

ଭାବାର୍ଥ

ବର୍ଣ୍ଣାଶ୍ରମ ପଦ୍ଧତିରେ କୁଳର ଲୋକମାନଙ୍କର ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଅନେକ ଧାର୍ମିକ ନୀତିନିୟମ–ବିଧିବିଧାନ ଅଛି । ଜନ୍ମଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସଂସ୍କାର କ୍ରିୟା ଅଛି ସେଗୁଡ଼ିକ ରକ୍ଷାକରିବା ଦିଗରେ ବଂଶର ବୟୋଜ୍ୟେଷ୍ଠ ବ୍ୟକ୍ତିଗଣ ଦାୟୀ ଅଟନ୍ତି । କିନ୍ତୁ ବୟୋଜ୍ୟେଷ୍ଠ ବ୍ୟକ୍ତିଗଣ ମୃତ୍ୟୁବରଣ କଲେ ଏ କୁଳ-ଧର୍ମ–ସଂସ୍କାର କ୍ରିୟା ବନ୍ଦ ହୋଇଯାଇପାରେ ଏବଂ ବଞ୍ଚିରହୁଥିବା ଅଳ୍ପବୟସ୍କ ବ୍ୟକ୍ତିଗଣ ଅଧର୍ମାଚରଣ କରିପାରନ୍ତି ଏବଂ ତଦ୍ୱାରା ସେମାନେ ଆଧ୍ୟାତ୍ମିକ ଉନ୍ନତି କରିବାର ସୁଯୋଗରୁ ବଞ୍ଚିତ ହୋଇଯାଇପାରନ୍ତି । ତେଣୁ କେବେହେଲେ ବଂଶର ବୟୋଜ୍ୟେଷ୍ଠ ବ୍ୟକ୍ତିଗଣଙ୍କୁ ହତ୍ୟା କରଯିବା ଉଚିତ୍ ନୁହେଁ ।

ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥୪୦॥

ଶବ୍ଦାନୁବାଦ

ଅଧର୍ମ=ଅଧର୍ମ; ଅଭିଭବାତ୍=ବଳବତ୍ତର ହେଲେ (ପ୍ରବଳ ହେଲେ); କୃଷ୍ଣ=

ହେ କୃଷ୍ଣ; ପ୍ରଦୁଷ୍ୟନ୍ତି=ଦୂଷିତ ହୋଇଯା'ନ୍ତି; କୁଳସ୍ତ୍ରିୟଃ=କୁଳ ସ୍ତ୍ରୀମାନେ; ସ୍ତ୍ରୀଷୁ=ସ୍ତ୍ରୀଲୋକମାନଙ୍କର (ସତୀତ୍ୱ); ଦୁଷ୍ଟାସୁ=ଏପରି ନଷ୍ଟ ହେଲେ; ବାର୍ଷ୍ଣେୟ=ହେ ବୃଷ୍ଣି-ବଂଶଜ !; ଜାୟତେ=ଏପରି ହୁଏ; ବର୍ଣ୍ଣ ସଙ୍କରଃ=ବର୍ଣ୍ଣ ସଙ୍କର (ଜାରଜ ସନ୍ତାନ) ।

ଅନୁବାଦ

ହେ କୃଷ୍ଣ ! ହେ ବୃଷ୍ଣି ବଂଶଜ ! ଯେତେବେଳେ ପରିବାରରେ ଅଧର୍ମ ପ୍ରବଳ ହୋଇଉଠେ, ସେତେବେଳେ କୁଳ ସ୍ତ୍ରୀମାନେ ଦୂଷିତା ହୋଇଯା'ନ୍ତି ଏବଂ ସେମାନଙ୍କର ସତୀତ୍ୱ ନଷ୍ଟ ହେବାଦ୍ୱାରା ବର୍ଣ୍ଣସଙ୍କର (ଜାରଜ ସନ୍ତାନ) ଜାତ ହୁଅନ୍ତି ।

ଭାବାର୍ଥ

ସୁନ୍ଦର ଜନସମାଜ ହେଲେ ସମାଜରେ, ଅର୍ଥାତ୍ ସାମାଜିକ ଜୀବନରେ ସମୃଦ୍ଧି ଏବଂ ଆଧ୍ୟାତ୍ମିକ ଉନ୍ନତି ଲାଭ କରାଯାଇ ପାରିବ । ବର୍ଣ୍ଣାଶ୍ରମର ବ୍ୟବସ୍ଥା ଏପରି ଭାବରେ କରାଯାଇଛି ଯେ, ରାଜ୍ୟ ତଥା ସମାଜରେ ସାଧାରଣ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଆବଶ୍ୟକ ଉତ୍ତମ ଜନସମାଜ ଏତଦ୍ୱାରା ସୃଷ୍ଟି କରାଯାଇପାରିବ । ଏ ପ୍ରକାର ଜନସମାଜ ସ୍ତ୍ରୀଲୋକମାନଙ୍କର ସତୀତ୍ୱ ଏବଂ ବିଶ୍ୱସ୍ତତା ଉପରେ ନିର୍ଭର କରେ । ଯେପରି ପିଲ୍ଲା-ମାନେ ଖୁବ୍ ସହଜରେ ପଥଭ୍ରାନ୍ତ ହୋଇଯା'ନ୍ତି ସେହିପରି ସ୍ତ୍ରୀଲୋକମାନେ ଖୁବ୍ ସହଜରେ ପତିତା ହୋଇଯା'ନ୍ତି । ତେଣୁ ଉଭୟେ ଶିଶୁ ଏବଂ ସ୍ତ୍ରୀ ସୁରକ୍ଷା ନିମିତ୍ତ ପରିବାରର ବୟସ୍କଲୋକଙ୍କର ସହାୟତା ଲୋଡ଼ନ୍ତି । ବିଭିନ୍ନ ଧର୍ମ କାର୍ଯ୍ୟରେ ବ୍ରତବିଧି—ପୂଜାନୁଷ୍ଠାନରେ ସ୍ତ୍ରୀମାନେ ବରାବର ସଂଯୁକ୍ତ ରହିଲେ ସେମାନେ ଆଉ ପଥଭ୍ରାନ୍ତ ହେବେ ନାହିଁ କିମ୍ବା ସତୀତ୍ୱ ନଷ୍ଟ କରିବେ ନାହିଁ । ଚାଣକ୍ୟ ପଣ୍ଡିତଙ୍କ ନୀତିବାକ୍ୟାନୁଯାୟୀ ସ୍ତ୍ରୀଲୋକମାନେ ସାଧାରଣତଃ ଅତ୍ୟନ୍ତ ବୁଦ୍ଧିଆ ନୁହଁନ୍ତି ଏବଂ ସେଇଥିପାଇଁ ସେମାନେ ମଧ୍ୟ ବିଶ୍ୱସ୍ତ ନୁହନ୍ତି । ତେଣୁ ପରିବାରରେ ପ୍ରଚଳିତ ଥିବା ବିଭିନ୍ନ ଧାର୍ମିକ ବ୍ୟବସ୍ଥାନୁଯାୟୀ ସେମାନଙ୍କୁ ସର୍ବଦା କର୍ମରତ ରଖାଇବା ଉଚିତ୍ ଏବଂ ତଦ୍ୱାରା ସେମାନେ ସତୀତ୍ୱ ଏବଂ ଭକ୍ତିଭାବକୁ ଧରି ରଖିପାରିବେ, ଫଳରେ ବର୍ଣ୍ଣାଶ୍ରମ ଧର୍ମକୁ ବଞ୍ଚାଇ ରଖିବା ନିମିତ୍ତ ଆବଶ୍ୟକ ଉତ୍ତମ ଜନ ସମାଜ ଜନ୍ମଲାଭ କରିବେ । ଏ ବର୍ଣ୍ଣାଶ୍ରମଧର୍ମ ବ୍ୟବସ୍ଥା ଭାଙ୍ଗି-ପଡ଼ିଲେ, ଏହା ସ୍ୱତଃସିଦ୍ଧ ଯେ, ସ୍ତ୍ରୀଲୋକମାନେ ମନଇଚ୍ଛା କାମ କରି ଅନ୍ୟ ପୁରୁଷ ସହିତ ଅବାଧ ମିଳାମିଶା କରିବେ, ଫଳରେ ଜାରଜ ସନ୍ତାନ ଜାତ ହେବେ । ଦାୟିତ୍ୱ-ହୀନ କାଣ୍ଡଜ୍ଞାନ ଶୂନ୍ୟ ପୁରୁଷମାନେ ମଧ୍ୟ ସମାଜରେ ବ୍ୟଭିଚାର ସୃଷ୍ଟି କରନ୍ତି, ଫଳରେ ଜନସମାଜରେ ଅନେକ ଅନାବଶ୍ୟକ ଜାରଜସନ୍ତାନ ଭରପୂର ହୋଇଯା'ନ୍ତି ଏବଂ ସମାଜରେ ଅଶାନ୍ତି, ବିଶୃଙ୍ଖଳା ଓ କଳହ ଆଦି ଦେଖାଦିଏ ।

ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତ ପିଣ୍ଡୋଦକ କ୍ରିୟାଃ ॥୪୧॥

ଶବ୍ଦାନୁବାଦ

ସଙ୍କରଃ=ଏପ୍ରକାର ଅନାବଶ୍ୟକ ଶିଶୁ (ବା ଜାରଜ ସନ୍ତାନ); ନରକାୟ=

ନର୍କ-ଜୀବନପାଇଁ; ଏବ=ନିଶ୍ଚିତଭାବେ; କୁଳଘ୍ନାନାଂ=ଯେଉଁମାନେ କୁଳଘାତକ ସେମାନଙ୍କର; କୁଳସ୍ୟ=କୁଳ (ବା ବଂଶ)ର, ଚ=ମଧ୍ୟ; ପତନ୍ତି=ଅଧୋପତିତ ହୁଅନ୍ତି; ପିତରଃ=ପିତୃପୁରୁଷଗଣ; ହି=ନିଶ୍ଚିତ ଭାବେ; ଏଷାଂ=ଏମାନଙ୍କର; ଲୁପ୍ତ=ଲୁପ୍ତ ହୋଇଯାଏ; ପିଣ୍ଡ=ପିଣ୍ଡ; ଉଦକ=ପାଣି; କ୍ରିୟାଃ=ଅନୁଷ୍ଠାନ ।

ଅନୁବାଦ

ଯେତେବେଳେ ଏପ୍ରକାର ଅନାବଶ୍ୟକ ଜନସମାଜ (ଅର୍ଥାତ୍ ଜାରଜ ସନ୍ତାନଙ୍କ ସଂଖ୍ୟା) ବୃଦ୍ଧିଲାଭ କରେ, ସେତେବେଳେ ବଂଶରେ ଏବଂ ବଂଶଘାତକମାନଙ୍କ ପକ୍ଷରେ ନର୍କଭୋଗ ପରିସ୍ଥିତି ସୃଷ୍ଟି ହୋଇଯାଏ । ଏ ପ୍ରକାର ଦୂଷିତ ପରିବାରମାନଙ୍କରେ ପିତୃପୁରୁଷମାନଙ୍କର ପିଣ୍ଡ-ପାଣି ଲୋପ ପାଇଯାଏ ।

ଭାବାର୍ଥ

ସକାମ କର୍ମର ନୀତି-ନିୟମ ଅନୁଯାୟୀ ନିର୍ଦ୍ଦେଶ ଅଛି ଯେ, ବ୍ୟକ୍ତି ବଂଶର ପିତୃପୁରୁଷମାନଙ୍କ ପ୍ରତି ବାର୍ଷିକ ପିଣ୍ଡ-ପାଣି ପ୍ରଦାନ କରିବ । ଶ୍ରୀ ବିଷ୍ଣୁଙ୍କୁ ପୂଜାକରି ଏପ୍ରକାର ପିଣ୍ଡ-ପାଣି ଅର୍ପଣ କରିବା ଆବଶ୍ୟକ, ଅର୍ଥାତ୍ ବିଷ୍ଣୁଙ୍କର ଉଚ୍ଛିଷ୍ଟ ଅର୍ଥାତ୍ ବିଷ୍ଣୁପ୍ରସାଦ ଭୋଜନ କଲେ ବ୍ୟକ୍ତି ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ । ବେଳେ ବେଳେ ଏପରି ହୁଏ ଯେ ପିତୃପୁରୁଷଗଣ ବିଭିନ୍ନ ପାପ କର୍ମର ଫଳ ଭୋଗକରୁଥାଆନ୍ତି ଏବଂ ବେଳେବେଳେ ସେମାନଙ୍କ ମଧ୍ୟରୁ କେତେକ ସ୍ଥୂଳ ଶରୀର ଲାଭ କରିପାରନ୍ତି ନାହିଁ । ସେମାନେ ସୂକ୍ଷ୍ମଶରୀରରେ ଭୂତ ରୂପରେ ରହିବାକୁ ବାଧ୍ୟ ହୋଇଥା'ନ୍ତି । ତେଣୁ ଯେତେବେଳେ ବଂଶର କୌଣସି ସୁଯୋଗ୍ୟ ପୁତ୍ର ଏ ପ୍ରକାର ମହାପ୍ରସାଦ ପିତୃପୁରୁଷଙ୍କୁ ଅର୍ପଣ କରେ, ସେତେବେଳେ ପିତୃପୁରୁଷଗଣ ମୁକ୍ତି ପାଇଯା'ନ୍ତି, ଯେଉଁମାନେ ଭୂତ ରୂପରେ ଥାଆନ୍ତି କିମ୍ବା ଅନ୍ୟ କୌଣସି ପ୍ରକାର ଦୁଃଖପୂର୍ଣ୍ଣ ଜୀବନ ଯାପନ କରୁଥା'ନ୍ତି, ସେମାନେ ସମସ୍ତେ ମୁକ୍ତି ପାଇଯା'ନ୍ତି । ପିତୃପୁରୁଷମାନଙ୍କ ପ୍ରତି ଏ ଯେଉଁ କର୍ମ କରାଯାଏ, ତାହା ବଂଶଗତ ଧର୍ମ ବା କୁଳ-ପ୍ରଥା ଅଟେ । ଯେଉଁମାନେ ଭଗବାନ୍‌ଙ୍କ ଭକ୍ତ ନୁହଁନ୍ତି ଅର୍ଥାତ୍ ଭଗବଦ୍ ସେବାରେ ନିଯୁକ୍ତ ହୋଇନାହାଁନ୍ତି ସେମାନଙ୍କ ପକ୍ଷରେ ଏ ପ୍ରକାର କୁଳଧର୍ମ ରକ୍ଷାକରିବା ଉଚିତ୍ । କିନ୍ତୁ ଯେ ଭଗବାନ୍‌ଙ୍କ ଭକ୍ତ ଏବଂ ଭଗବଦ୍ ସେବାରେ ନିଯୁକ୍ତ, ତା'ପକ୍ଷରେ ଏ ପ୍ରକାର କର୍ମ କରିବାର କୌଣସି ଆବଶ୍ୟକତା ନାହିଁ । କେବଳ ଭଗବଦ୍ ସେବାକରି ବ୍ୟକ୍ତି ତା'ର ହଜାର ହଜାର ପିତୃପୁରୁଷଙ୍କୁ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟା—ଦୁଃଖ ଯନ୍ତ୍ରଣାରୁ ମୁକ୍ତ କରାଇପାରେ । ଏହା ଶ୍ରୀମଦ୍ ଭାଗବତରେ କୁହାଯାଇଅଛି ।

"ଦେବର୍ଷି—ଭୂତାପ୍ତ—ନୃଣାମ୍—ପିତୃଣାମ୍ ନ କିଙ୍କରୋ ନାୟମ୍ୃଣୀ ଚ ରାଜନ୍ ।
ସର୍ବାତ୍ମନା ଯଃ ଶରଣଂ ଶରଣ୍ୟମ୍ ଗତୋ ମୁକୁନ୍ଦଂ ପରିହୃତ୍ୟ କର୍ତମ୍ ।।"

(ଭାଗବତ—୧୧-୫—୪୧)

ଯେଉଁବ୍ୟକ୍ତି ମୁକ୍ତିଦାତା ମୁକୁନ୍ଦଙ୍କ ପାଦପଦ୍ମରେ ଶରଣ ନେଇଛି ଅର୍ଥାତ୍ ଯେ ସବୁପ୍ରକାର ଧର୍ମକର୍ମ ତ୍ୟାଗକରି ଭଗବଦ୍ ଚରଣାଶ୍ରିତ ହୋଇଛି ଏବଂ ବଡ଼ ନିଷ୍ଠା ଓ

ଶ୍ରଦ୍ଧା ସହକାରେ ଭକ୍ତିଯୋଗ ମାର୍ଗକୁ ଅବଲମ୍ବନ କରିଛି, ତାହାର ଦେବତା, ଋଷି-ମହର୍ଷି, ସାଧୁ-ସନ୍ଥ, ସାଧାରଣ ଜୀବ, ବଂଶର ପିତୃପୁରୁଷ ବା ଜନସମାଜ ପ୍ରତି ଆଉ କୌଣସି କର୍ତ୍ତବ୍ୟ କର୍ମ ବାକି ରହିନାହିଁ । ପରମପୁରୁଷ ଭଗବାନ୍‌ଙ୍କ ସେବାରତ ହୋଇଗଲେ ଏ ପ୍ରକାର କର୍ତ୍ତବ୍ୟ କର୍ମ ଆପେ ଆପେ ଶେଷ ହୋଇଯାଏ—ଆଉ ଏ ସବୁ ଆଚରଣ କରିବା ଦରକାର ପଡ଼େ ନାହିଁ । ଭକ୍ତିଯୋଗର ଏହା ହେଉଛି ମହିମା ।

ଦୋଷୈର୍ ଏତୈଃ କୁଳ-ଘ୍ନାନାଂ ବର୍ଣ୍ଣ-ସଙ୍କର କାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମା ଶ୍ଚ ଶାଶ୍ୱତାଃ ॥୪୨॥

ଶବ୍ଦାନୁବାଦ

ଦୋଷୈଃ=ଏପ୍ରକାର ଦୋଷଯୋଗୁଁ; ଏତୈଃ=ଏସବୁ; କୁଳଘ୍ନାନାଂ—ବଂଶ ଘାତକର; ବର୍ଣ୍ଣ-ସଙ୍କର=ଅନାବଶ୍ୟକ ସନ୍ତାନ; କାରକୈଃ=କର୍ତ୍ତାମାନଙ୍କଦ୍ୱାରା; ଉତ୍ସାଦ୍ୟନ୍ତେ—ଧ୍ୱଂସ ସୃଷ୍ଟିକରେ; ଜାତିଧର୍ମାଃ=ଜାତିଧର୍ମ; କୁଳଧର୍ମାଃ=କୁଳଧର୍ମ; ଚ=ମଧ୍ୟ; ଶାଶ୍ୱତାଃ=ଶାଶ୍ୱତ ।

ଅନୁବାଦ

ବଂଶ ଘାତକମାନଙ୍କର ପାପକର୍ମ ଯୋଗୁଁ ସମସ୍ତ ପ୍ରକାର ଜାତିଧର୍ମ ଓ କୁଳ-ଧର୍ମ ନଷ୍ଟ ହୋଇଯାଏ ।

ଭାବାର୍ଥ

ମାନବ ତା'ର ଜୀବନର ପରମଗତି ଲାଭ କରିବା ନିମିତ୍ତ ସନାତନ ଧର୍ମ ବା ବର୍ଣ୍ଣାଶ୍ରମ ଧର୍ମର ବ୍ୟବସ୍ଥା କରଯାଇଅଛି । ବଂଶ ବା କୁଳର ମଙ୍ଗଳଜନକ କର୍ମ ସହ ମାନବ ସମାଜରେ ଥିବା ଚାତୁର୍ବର୍ଣ୍ଣ୍ୟ ବ୍ୟବସ୍ଥା କୁଳର ଉନ୍ନତି ନିମିତ୍ତ ଉଦ୍ଦିଷ୍ଟ । ତେଣୁ ସମାଜର ଦାୟିତ୍ୱହୀନ ନେତାମାନଙ୍କ ଯୋଗୁଁ ସନାତନ ଧର୍ମ ବ୍ୟବସ୍ଥା ଭାଙ୍ଗି ପଡ଼ୁଛି । ଏଥିଯୋଗୁଁ ସମାଜରେ ନାନା ପ୍ରକାର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେଉଛି । ଫଳତଃ ଲୋକମାନେ ସେମାନଙ୍କର ଜୀବନର ଲକ୍ଷ୍ୟ ବିଷ୍ଣୁଙ୍କୁ ଭୁଲିଯାଇଛନ୍ତି । ଏ ପ୍ରକାର ନେତା-ମାନେ ଅନ୍ଧ ଅଟନ୍ତି ଏବଂ ଯେଉଁମାନେ ଏମାନଙ୍କୁ ଅନୁସରଣ କରନ୍ତି ସେମାନେ ନିଶ୍ଚିତ ଭାବରେ ଅନ୍ଧକୂପରେ ପତିତ ହେବେ । ସେମାନଙ୍କ ଜୀବନ ନିଶ୍ଚୟ ହାହତାଶମୟ ହୋଇ ଉଠିବ ।

ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେ ନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥୪୩॥

ଶବ୍ଦାନୁବାଦ

ଉତ୍ସନ୍ନ=ବିନଷ୍ଟ; କୁଳଧର୍ମାଣାଂ=ଯେଉଁମାନଙ୍କର କୁଳଧର୍ମ ଅଛି; ମନୁଷ୍ୟାଣାଂ= ଏପ୍ରକାର ମାନବ ମାନଙ୍କର; ଜନାର୍ଦ୍ଦନ=ହେ କୃଷ୍ଣ; ନରକେ=ନର୍କରେ, ନିୟତଂ=ସର୍ବଦା;

ବାସଃ=ବାସ; ଭବତି=ହୁଏ; ଇତି=ଏହିପରି; ଅନୁଶୁଶ୍ରୁମ=ଗୁରୁ ପରମ୍ପରାକ୍ରମେ ଶୁଣିଛି ।

ଅନୁବାଦ

ହେ ଜନାର୍ଦ୍ଦନ କୃଷ୍ଣ ! ମୁଁ ଗୁରୁ ପରମ୍ପରାକ୍ରମେ ଶୁଣିଛି ଯେ, ଯେଉଁମାନେ କୁଳ-ଧର୍ମ ନଷ୍ଟ କରନ୍ତି ସେମାନେ ସର୍ବଦା ନର୍କରେ ବାସ କରନ୍ତି ।

ଭାବାର୍ଥ

ଅର୍ଜୁନ ତାଙ୍କ ନିଜ ଜ୍ଞାନ ବା ଅଭିଜ୍ଞତାରୁ ଏ ଯୁକ୍ତି ବାଢ଼ୁ ନାହାନ୍ତି । ସେ ଯାହା ଆଚାର୍ଯ୍ୟମାନଙ୍କଠାରୁ ଶୁଣିଛନ୍ତି, ତାହାରି ଉପରେ ଆଧାର କରି ଏ ଯୁକ୍ତି ବାଢ଼ୁଛନ୍ତି । ଏହା ହେଉଛି ପ୍ରକୃତ ଜ୍ଞାନ ଲାଭ କରିବାର ପନ୍ଥା । ଯେଉଁ ଉପଯୁକ୍ତ ବ୍ୟକ୍ତି ଜ୍ଞାନରେ ପ୍ରତିଷ୍ଠିତ ହୋଇଛି, ସେ ବ୍ୟକ୍ତିର ବିନା ସାହାଯ୍ୟରେ କେହି ପ୍ରକୃତ ଜ୍ଞାନ ସ୍ତରରେ ଉପସ୍ଥିତ ହୋଇପାରିବ ନାହିଁ । ବର୍ଣ୍ଣାଶ୍ରମ ବ୍ୟବସ୍ଥାରେ ଏକ ଧାରା ଅଛି । ସେଥିରେ ବ୍ୟକ୍ତିକୁ ମୃତ୍ୟୁ ପୂର୍ବରୁ ତାର ପାପ କର୍ମର ଫଳକୁ ପ୍ରକ୍ଷାଳନ କରିବା ନିମିତ୍ତ ସଂସ୍କାର ବିଧି ଅନୁସରଣ କରିବାକୁ ହେବ । ଯେ ସର୍ବଦା ପାପ କର୍ମରେ ଲିପ୍ତ ତାକୁ ନିଶ୍ଚୟ ପାପରୁ ମୁକ୍ତ ହେବା ନିମିତ୍ତ ପ୍ରାୟଶ୍ଚିତ୍ତ କରିବାକୁ ହେବ । ଏହା ନ କଲେ ବ୍ୟକ୍ତିକୁ ପାପକର୍ମର ଫଳ ଭୋଗ କରିବା ନିମିତ୍ତ ନର୍କକୁ ଯିବାକୁ ପଡ଼ିବ ।

ଅହୋ ବତ ମହତ୍‌ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।
ଯଦ୍ ରାଜ୍ୟ ସୁଖ-ଲୋଭେନ ହନ୍ତୁଂ ସ୍ୱଜନମ୍ ଉଦ୍ୟତାଃ ॥୪୪॥

ଶବ୍ଦାନୁବାଦ

ଅହଃ=ଆହା; ବତ=କି ଆଶ୍ଚର୍ଯ୍ୟ; ମହତ୍=ମହାନ୍; ପାପଂ=ପାପ; କର୍ତ୍ତୁଂ=କରିବାକୁ; ବ୍ୟବସିତାଃ=ସ୍ଥିର କରିଛେ; ବୟମ୍=ଆମ୍ଭେମାନେ; ଯତ୍=ଯାହା ଫଳରେ; ରାଜ୍ୟ=ରାଜ୍ୟ; ସୁଖ-ଲୋଭେନ=ରାଜ୍ୟ ସୁଖ ଲୋଭର ବଶବର୍ତ୍ତୀ ହୋଇ; ହନ୍ତୁଂ=ହତ୍ୟା-କରିବାକୁ; ସ୍ୱଜନଂ=ସ୍ୱଜନମାନଙ୍କୁ; ଉଦ୍ୟତାଃ=ଚେଷ୍ଟା କରୁଛୁ ।

ଅନୁବାଦ

ଆହା ! ଏହା କେଡ଼େ ଆଶ୍ଚର୍ଯ୍ୟର କଥା ଯେ, ଆମ୍ଭେମାନେ ରାଜ୍ୟ ସୁଖ ଲୋଭ ଆଶାରେ କେଡ଼େ ମହାନ୍ ପାପ କରିବାକୁ ଯାଉଛୁ ! ।

ଭାବାର୍ଥ

ସ୍ୱାର୍ଥସିଦ୍ଧି ଆଶାରେ ବ୍ୟକ୍ତି ନିଜର ଆତ୍ମୀୟସ୍ୱଜନ ଯଥା—ପିତାମାତା, ଭାଇବନ୍ଧୁ-ମାନଙ୍କୁ ବଧକରି ପାପ ଅର୍ଜନ କରିବାକୁ ଇଚ୍ଛା କରିପାରେ । ପୃଥିବୀ ଇତିହାସରେ ଏପରି ଅନେକ ଉଦାହରଣ ଅଛି । କିନ୍ତୁ ଅର୍ଜୁନ ଭଗବାନ୍‌ଙ୍କର ଏକ ସାଧୁ ଭକ୍ତ ଅଟନ୍ତି । ତେଣୁ ସେ ସର୍ବଦା ନୈତିକ ମାନଦଣ୍ଡ ପ୍ରତି ସଚେତନ ଅଟନ୍ତି ଏବଂ ସେଥିପାଇଁ ସେ ଏପ୍ରକାର କର୍ମରୁ ନିବୃତ୍ତ ହେବାକୁ ଯତ୍ନ କରୁଥିଲେ ।

ଯଦି ମାମ୍ ଅପ୍ରତୀକାରମ୍ ଅଶସ୍ତ୍ରଂ ଶସ୍ତ୍ର-ପାଣୟଃ ।
ଧାର୍ତରାଷ୍ଟ୍ରା ରଣେ ହନ୍ୟୁସ୍ ତନ୍ମେ କ୍ଷେମତରଂ ଭବେତ୍ ।।୪୫।।

ଶବ୍ଦାନୁବାଦ

ଯଦି=ଯଦି; ମାମ୍=ମୋତେ; ଅପ୍ରତୀକାରମ୍=ପ୍ରତିରୋଧ ବିନା; ଅଶସ୍ତ୍ରଂ=ପୂର୍ଣ୍ଣରୂପେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ନ ହୋଇ; ଶସ୍ତ୍ର-ପାଣୟଃ=ଯେଉଁମାନେ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ; ଧାର୍ତରାଷ୍ଟ୍ରାଃ=ଧୃତରାଷ୍ଟ୍ରଙ୍କର ପୁତ୍ରଗଣ; ରଣେ=ଯୁଦ୍ଧ କ୍ଷେତ୍ରରେ; ହନ୍ୟୁଃ=ହତ୍ୟାକରି ପାରନ୍ତି; ତତ୍=ତାହା; ମେ=ମୋର; କ୍ଷେମତରଂ=ଉତ୍ତମ; ଭବେତ୍=ହେବ ।

ଅନୁବାଦ

ମୁଁ ଭାବୁଛି, ଯଦି ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ମୋତେ ବିନା ପ୍ରତିରୋଧରେ ଏବଂ ଅସ୍ତ୍ରଶସ୍ତ୍ର ରେ ସଜ୍ଜିତ ନ ହୋଇଥିବା ଅବସ୍ଥାରେ ମାରିପକାନ୍ତି, ତାହାହେଲେ ଖୁବ୍ ଭଲ ହେବ । ସେମାନଙ୍କ ସହିତ ଯୁଦ୍ଧ କରିବା ପରିବର୍ତ୍ତେ, ସେମାନଙ୍କ ହାତରେ ମୃତ୍ୟୁବରଣ କରିବା ବରଂ ଶ୍ରେୟସ୍କର ।

ଭାବାର୍ଥ

ଏହା ହେଉଛି କ୍ଷତ୍ରିୟ ଆଚାର–କ୍ଷତ୍ରିୟ ଧର୍ମ–ଯଦି ଶତ୍ରୁ ଅସ୍ତ୍ର-ଶସ୍ତ୍ରରେ ସଜ୍ଜିତ ନ ହୋଇଛି ଏବଂ ଯୁଦ୍ଧ କରିବାକୁ ଇଚ୍ଛୁକ ନୁହେଁ, ତାହାହେଲେ ତାକୁ ଆକ୍ରମଣ କରିବା ଉଚିତ୍ ନୁହେଁ । ଅର୍ଜୁନ, ଏହି ପ୍ରକାର ଅବସ୍ଥାରେ ରହି, ସ୍ଥିର କଲେ ଯେ, ସେ ଶତ୍ରୁମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ବି ସେ ଯୁଦ୍ଧ କରିବେ ନାହିଁ । ଅପରପକ୍ଷ ଯୁଦ୍ଧ କରିବାପାଇଁ କେତେଦୂର ଆଗ୍ରହୀ, ସେ ସେକଥା କିଛି ବିଚାର କରୁ ନ ଥିଲେ । ଅର୍ଜୁନଙ୍କଠାରେ ଏ ଯେଉଁସବୁ ଲକ୍ଷଣ ଦେଖାଯାଉଥିଲା, ତାହା ତାଙ୍କର କୋମଳ ହୃଦୟର ପ୍ରକାଶ । ସେ ଭଗବାନ୍‌ଙ୍କର ଜଣେ ବିଶିଷ୍ଟ ଭକ୍ତ ହୋଇଥିବାରୁ, ସେ ବଡ଼ କୋମଳ ହୃଦୟ–ଦୟାର୍ଦ୍ର ହୃଦୟ ହୋଇ ପଡ଼ିଥିଲେ । (ସେଇଥିପାଇଁ ସେ ଭାବୁଥିଲେ, ଶତ୍ରୁପକ୍ଷ ତାଙ୍କୁ ଆକ୍ରମଣ କଲେ ବି ସେ ପ୍ରତି ଆକ୍ରମଣ କରିବେ ନାହିଁ ।)

ସଞ୍ଜୟ ଉବାଚ

ଏବମ୍ ଉକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକ-ସଂବିଗ୍ନ-ମାନସଃ ।।୪୬।।

ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଏବମ୍=ଏହିପରି; ଉକ୍ତ୍ୱା=କହି; ଅର୍ଜୁନଃ=ଅର୍ଜୁନ; ସଙ୍ଖ୍ୟେ=ଯୁଦ୍ଧ କ୍ଷେତ୍ରରେ; ରଥ=ରଥ; ଉପସ୍ଥଃ=ଉପସ୍ଥିତ ଥାଇ; ଉପାବିଶତ୍=ପୁଣି ବସି ପଡ଼ିଲେ; ବିସୃଜ୍ୟ=ରଖିଦେଇ; ସଶରଂ=ଶର ସହିତ; ଚାପଂ=ଧନୁ; ଶୋକ=ଶୋକ (ଦୁଃଖ); ସଂବିଗ୍ନ=ଦୁଃଖିତ; ମାନସଃ=ମନରେ ;

ଅନୁବାଦ

ସଞ୍ଜୟ କହିଲେ, "ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ଏହିପରି କହି ଧନୁଶରକୁ ରଖିଦେଲେ ଏବଂ ରଥ ଉପରେ ବସି ପଡ଼ିଲେ । ତାଙ୍କର ମନ ଦୁଃଖରେ ଭରାକ୍ରାନ୍ତ ହୋଇ ପଡ଼ିଥିଲା ।"

ଭାବାର୍ଥ

ଅର୍ଜୁନ ଯେତେବେଳେ ଯୁଦ୍ଧକ୍ଷେତ୍ରରେ ଅବସ୍ଥା ପର୍ଯ୍ୟବେକ୍ଷଣ କରୁଥିଲେ, ସେତେବେଳେ ସେ ରଥ ଉପରେ ଛିଡ଼ାହୋଇ ପଡ଼ିଥିଲେ, କିନ୍ତୁ ସେ ଏପରି ଦୁଃଖାଭିଭୂତ ହୋଇପଡ଼ିଲେ ଯେ, ସେ ଧନୁଶର ଛାଡ଼ିଦେଇ ପୁଣି (ରଥଉପରେ) ବସି ପଡ଼ିଲେ । ଭକ୍ତିଯୋଗ ମାର୍ଗରେ ଏପ୍ରକାର କୋମଳ ଓ ଦୟାର୍ଦ୍ର ହୃଦୟ ବିଶିଷ୍ଟ ବ୍ୟକ୍ତି ଆତ୍ମଜ୍ଞାନ ନିମିତ୍ତ ଉପଯୁକ୍ତ ଅଟନ୍ତି ।

ଭକ୍ତିବେଦାନ୍ତ ଭାଷ୍ୟର "କୁରୁକ୍ଷେତ୍ର ଯୁଦ୍ଧଭୂମିରେ ସୈନ୍ୟଦର୍ଶନ" ଶୀର୍ଷକ ପ୍ରଥମ ଅଧ୍ୟାୟ ସମାପ୍ତ ହେଲା ।